## ସଇରାତ ବନ୍ଦ; ଚୋରାରେ ବାଲି ଉତ୍ତୋଳନ କରୁଛନ୍ତି ମାଫିଆ

# ନିର୍ମାଣ କାର୍ଯ୍ୟ ପ୍ରଭାବିତ; ଚଢ଼ାଦର ନେଇ ଲୋକେ ଅତିଷ୍ଠ

**ବଡସାହି, ୨୧।୩(ସମିସ)**



ବଡସାହି ବ୍ଲକ ଅଧୀନରେ ଥିବା ବିଭିନ୍ନ ସଇରାତରୁ ବେଆଇନ ବାଲି ଉତ୍ତୋଳନ ଓ ଚାଲାଣକୁ ନେଇ ଛେଳିଆ ପୁହାଳ ଗ୍ରାମର ରାଧାମୋହନ ସିଂ ଏନଜିଟି ପକ୍ଷରୁ ଏକ ମାମଲା ରୁଜୁ କରିଥିଲେ। ଏହାକୁ ନେଇ ବିଭିନ୍ନ ପ୍ରକାର ତଦନ୍ତ, ଜରିମାନା ଓ ୧୪୪ ଧାରା କରାଯାଇଥିବା ବେଳେ ଏହି ତଦନ୍ତର ଆଇନର ଦିଗରୁ ମୁକୁଳି ପାରିନାହିଁ ସମ୍ପୃକ୍ତ ବିଭାଗ। ଫଳରେ ଏହାକୁ ନେଇ ଗତ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଜିଲ୍ଲାର ସମସ୍ତ ସଇରାତ ନିଲାମ ନ ହୋଇ ବନ୍ଦ ରହିଛି। ମାତ୍ର ଅଧିକାଂଶ ସ୍ଥାନରେ ପୁଲିସ ଏବଂ ଖଣି ବିଭାଗକୁ ହାତ ବାରିସି କରି ଏହି ବେଆଇନ କାରବାର ଏବେ ସୀମା ଟପିଲାଣି। ତେଣୁ ପୁଲିସ ମହାନିର୍ଦ୍ଦେଶକଙ୍କ କଡା ତାଗିଦ ପରେ ଚଢଉ ଜାରି ରହିଛି। ମାତ୍ର ଏଥିରେ ସମ୍ପୃକ୍ତ ବିଭାଗ ସହିତ ସଲାସୁତୁରା କରି ବାଲି ବେପାର କରୁଥିବା ମାଫିଆ ଖସି ଯାଉଛନ୍ତି। ଗାଁ ଗହଳିରେ ଚାଷ ପାଇଁ ଗାଡି ଆଣି କିଏ କେମିତି ଯଦି କାଁଭାଁ ବିନା ସେଟିଂରେ ବାଲି ଆଣିଲେ, ତାକୁ ଟାର୍ଗେଟ କରାଯାଉଛି। ତାହା ପୁଣି ସେଟିଂରେ ଥିବା ଗାଡି ମାଲିକଙ୍କ ଇଙ୍ଗିତରେ ବୋଲି ଜଣେ ଟ୍ରାକ୍ଟର ମାଲିକ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ବର୍ତ୍ତମାନ ବିଳମ୍ବିତ ରାତି ଓ ଭୋରୁ କେତେକ ସଇରାତରୁ ପୁଲିସକୁ ସୂଚନା ଦେଇ ବାଲି ଚାଲାଣ ହେଉଥିବା କିଛି ଗ୍ରାମବାସୀ ସୂଚନା ଦେଇଛନ୍ତି। ବିଶେଷକରି ଦେଉଳିଆ-ପଟିସାରୀ ଓ ଆଦଡିହା ଗଙ୍ଗାହାର ନଦୀ ଘାଟରୁ ରାତିରେ ଏହି ବେଆଇନ କାରବାର ଚାଲିଛି। ସେହିପରି କୋଚିଳାଖୁଣ୍ଟା, କୁଳିଅଣା, ପାଇକପଡ଼ା, ପ୍ରତାପପୁର, ସିଂହଟିଆ, ରଙ୍ଗପାଣି, ପଣ୍ଡୁପାଳ, ଡିଙ୍ଗିରା ଓ ମହୁପୁରା ଘାଟରୁ ମଧ୍ୟ ବାଲି ଉତ୍ତୋଳନ ଚାଲିଛି। ପୁଲିସ ଜବତ କରୁଥିବା ଗାଡିଗୁଡିକ ମାଇନିଂ ବିଭାଗକୁ ହସ୍ତାନ୍ତର କଲେ ମୋଟା ଜରିମାନା ଆଦାୟ ସହିତ କଡା କାର୍ଯ୍ୟାନୁଷ୍ଠାନ ହୋଇ ପାରନ୍ତା ; କିନ୍ତୁ ପୁଲିସ କେବଳ ମାମଲା ରୁଜୁ କରି ଡ୍ରାଇଭରକୁ ନୋଟିସ ଦେଇ ଛାଡି ଦେଉଛି। ସେହିପରି ବାରିପଦା ମାଇନିଂ ଅଧିକାରୀଙ୍କ ଘର ସମ୍ମୁଖରୁ ଅଫିସ ଯାଏ ସେମାନଙ୍କ ଗତିବିଧି ଲକ୍ଷ୍ୟ ପାଇଁ ଚୋରା ବେପାରୀଙ୍କ ଇଙ୍ଗିତରେ ମୋଟା ଅଙ୍କର ପାରିଶ୍ରମିକ ନେଇ ଲୋକ ଜଗି ବସୁଛନ୍ତି; ମାତ୍ର ମାର୍ଚ୍ଚ ମାସର ଟାର୍ଗେଟ ଓ ପୁଲିସ ମହାନିର୍ଦ୍ଦେଶକଙ୍କ ତାଗିଦ ପାଇଁ ଚଢଉ ଜାରି ରହିଥିବା ବେଳେ ବର୍ତ୍ତମାନ ବେପାର ବନ୍ଦ ରହିଥିବାରୁ ବାଲି ମିଳୁ ନାହିଁ। ଚୋରା ବାଲିର ଆକାଶ ଛୁଆଁ ଦର ହୋଇଥିବାରୁ ଲୋକେ ଏବେ ଚିନ୍ତାରେ। କେବଳ ମାଫିଆ ଏଥିରୁ ଫାଇଦା ଉଠାଉଛନ୍ତି। ୩ ଗୁଣା ଚଢାଦରରେ ବାଲି ବିକ୍ରି କରୁଛନ୍ତି। ତେଣୁ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସରିବା ନେଇ ପ୍ରଶ୍ନ ଉଠିଛି। ଏତଦବାଦ ସମସ୍ତ ବିଭାଗର ବିଭିନ୍ନ ପ୍ରକାର ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ଘୋର ବାଧା ସୃଷ୍ଟି ହେଇଛି। ତେଣୁ ଆଇନର ଦିଗକୁ ଦେଖି ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସଇରାତ ଗୁଡିକୁ କାର୍ଯ୍ୟକାରୀ କରିବାକୁ ଦାବି ହୋଇଛି। ପ୍ରତିଦିନ ଚୋରା ଡମ୍ପିଂ ବାଲି ସହିତ ଶହଶହ ଟ୍ରାକ୍ଟର ସଇରାତରୁ ଉତ୍ତୋଳନ ହେଉଛି। ତୁରନ୍ତ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ଏନ୍‌ସିସି ସାଇକ୍ଲୋଥନ୍‌କୁ ସ୍ୱାଗତ

**ବାରିପଦା, ୨୧।୩(ସମିସ):** ବିକଶିତ ଭାରତର ଗୁଣାତ୍ମକ ଲକ୍ଷ୍ୟକୁ ପ୍ରାଧାନ୍ୟ ଦେଇ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ଗତ ୧୨ ତାରିଖରୁ କଟକ ବାଟାଲିଆନରେ ଏକ ସାଇକ୍ଲୋଥନ ଅଭିଯାନ ଆରମ୍ଭ ହୋଇଛି। ଏହି ସାଇକ୍ଲୋଥନ ପୁରୀରୁ ଆରମ୍ଭ ହୋଇ ଶୁକ୍ରବାର ସ୍ଥାନୀୟ ଏମପିସି ସ୍ୱୟଂଶାସିତ କଲେଜରେ ପହଞ୍ଚିବା ପରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟକ୍ଷ ପ୍ର. ପ୍ରମୋଦ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରଥମ ଏନସିସି ବାଟାଲିଆନ୍ ମେଜର୍ ଆଶୁତୋଷ ତ୍ରିପାଠୀ ଯୋଗଦେଇ ଏହି ଯାତ୍ରାର ଆଭିମୁଖ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଉପସ୍ଥାପନ କରିଥିଲେ। ପ୍ରଶାସନିକ ମୁଖ୍ୟ ଡ. ଦୀପକ କୁମାର ବେହେରା ଭାରତୀୟ ସାମରିକ ବ୍ୟବସ୍ଥାରେ ଏନସିସିର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶୈକ୍ଷିକ ମୁଖ୍ୟ ଡ. ଆଲବର୍ଟିନା ତିର୍କୀ ଏପରି ଯାତ୍ରା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିବା ବେଳେ ବିତ୍ତୀୟ ମୁଖ୍ୟ ଡ. ଆଶୁତୋଷ ପ୍ରୟାସ ଦାଶ ସରକାରଙ୍କ ବିକଶିତ ଭାରତର ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଏନସିସି ଅଧିକାରୀ ନରେନ୍ଦ୍ର ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଚାକିରି କରାଇଦେବା ନାଁରେ ଠକେଇ
## ସହକାରୀ ଶିକ୍ଷକଙ୍କ ସମେତ ୩ ଗିରଫ



**ଖୁଣ୍ଟା/କୁଆମରା, ୨୧।୩(ସମିସ):** ଠକେଇ ଅଭିଯୋଗରେ ଜଣେ ଶିକ୍ଷକଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି ପୁଲିସ। ଖୁଣ୍ଟା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ବୃନ୍ଦାବନ ମାରାଣ୍ଡିଙ୍କୁ ଜଣେ ଶିକ୍ଷକ ନିଜର ସହଯୋଗୀଙ୍କୁ ଆଇଏଏସ ଅଫିସର କହି ଠକେଇ କରିଥିଲେ। ଏହି ଘଟଣାରେ ପୁଲିସ ଆଜି ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବୈରାଟପୁର ସ୍କୁଲର ସହକାରୀ ଶିକ୍ଷକ ତଥା ବରହମପୁର ଥାନା ଅଧୀନ କାଦୁଆଣୀ ଶାସନ ଗ୍ରାମର ମନୋଜ ଆଚାର୍ଯ୍ୟ, ବାରିପଦା କାଳିକାପୁରର ଲୋହିତେଶ ଜେନା ଓ ଉଦଳାର ଇଂ. ଦିଲ୍ଲୀପ ଜେନା। ବୃନ୍ଦାବନ ମାରାଣ୍ଡିଙ୍କ ପୁତୁରାକୁ ଗ୍ରାମ ରୋଜଗାର ସେବକ ଭାବେ ଚାକିରି କରିଦେବେ ବୋଲି କହି ଶିକ୍ଷକ ମନୋଜ ଆଚାର୍ଯ୍ୟ ୧ ଲକ୍ଷ ୩୦ ହଜାର ଟଙ୍କା ଅଗ୍ରିମ ନେଇଥିଲେ। ଚାକିରି ହେବା ପରେ ବାକି ୪୦ ହଜାର ଟଙ୍କା ନେବେ ବୋଲି କଥା ଛିଡିଥିଲା। ତାଙ୍କର ୨ ସହଯୋଗୀଙ୍କ ମଧ୍ୟରୁ ଜଣଙ୍କୁ ଆଇଏଏସ ଅଧିକାରୀ ପରିଚୟ ଦେଇ ସେ ଠକିଥିଲେ। ଇତିମଧ୍ୟରେ ଦୁଇମାସ ବିତିବା ପରେ ସେ ଆଉ ଧରାଛୁଆଁ ନ ଦେବାରୁ ଶ୍ରୀ ମାରାଣ୍ଡି ପୁଲିସର ଆଶ୍ରୟ ନେଇଥିଲେ। ଖୁଣ୍ଟା ପୁଲିସ ଏକ ମାମଲା ରୁଜୁ ପୂର୍ବକ ତଦନ୍ତ କରିବା ପରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ୩ ଜଣ ଠକ ଜିଲ୍ଲାର ବିଭିନ୍ନ ବ୍ଲକର ୧୧/୧୨ଜଣଙ୍କଠାରୁ ଚାକିରି କରାଇଦେବ କହି ୧୨/୧୩ ଲକ୍ଷ ଟଙ୍କା ଠକି ନେଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

## କାଳବୈଶାଖୀ କ୍ଷତିପୂରଣ ଦାବିକଲା ଭଞ୍ଜସେନା



**ବାରିପଦା, ୨୧।୩(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ଗୁରୁବାର କାଳବୈଶାଖୀ ଜନିତ ବର୍ଷା ଓ କୁଆପଥର ବୃଷ୍ଟି ପାଇଁ ବ୍ୟାପକ କ୍ଷୟକ୍ଷତି ହୋଇଛି। କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ଦେବାକୁ ଭଞ୍ଜସେନା ପକ୍ଷରୁ ଜିଲ୍ଲା ପ୍ରଶାସନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଶେଷକରି ବିଶୋଇ, ବାଙ୍ଗିରିପୋଷି, କୁଳିଅଣା ଓ ସାରସକଣା ବ୍ଲକରେ କ୍ଷତି ହୋଇଛି। କୁଆପଥର ମାଡରେ ଘର, ଗାଡି, ଫସଲ, ଗଛ ଆଦି ଭାଙ୍ଗି ନଷ୍ଟ ହୋଇଛି। ତେଣୁ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଭଞ୍ଜସେନା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛି। କ୍ଷତିଗ୍ରସ୍ତଙ୍କୁ ଆବାସ ବାସଗୃହ ପ୍ରଦାନ, କ୍ଷତିଗ୍ରସ୍ତ ପରିବାରଙ୍କୁ ସମ୍ପୂର୍ଣ୍ଣ ଥଇଥାନ ପର୍ଯ୍ୟନ୍ତ ରହିବା ଖାଇବା ବ୍ୟବସ୍ଥା କରିବା, ଚାଷ ଜନିତ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇବାକୁ ଦାବି ହୋଇଛି। ଦାବି ପୂରଣ ନହେଲେ ଭଞ୍ଜସେନା ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନରେ ସଞ୍ଜୀବ ରାଉତ, ପିଣ୍ଟୁ ମାଇତି, ରାକେଶ ବେହେରା, ରାକେଶ ମହାନ୍ତି, ପଙ୍କଜ କରଣ, ସତ୍ୟ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## ଆରଟିଆଇ ତଥ୍ୟ ଦେବା ବଦଳରେ ମିଳୁଛି ଧମକ

# ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥହେଲା 'ଓସା'

**ବାରିପଦା, ୨୧।୩(ସମିସ)**



ଆରଟିଆଇ ତଥ୍ୟ ବଦଳରେ ଧମକ ମିଳୁଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା) ପକ୍ଷରୁ ବାରିପଦା ଉପଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡ଼ାଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ସୂଚନା ଅଧିକାର ଅଭିଯାନର ସଦସ୍ୟ ଶୁକଦେବ ଦେହୁରୀ ବାଙ୍ଗିରିପୋଷି ବ୍ଲକର ଜନସୂଚନା ଅଧିକାରୀଙ୍କୁ ସୂଚନା ଅଧିକାର ଆଇନ ବଳରେ କେତେକ ଆବଶ୍ୟକ ତଥ୍ୟ ମାଗିଥିଲେ। 'ଆମ ଗାଁ ଆମ ବିକାଶ' ଏବଂ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ହୋଇଥିବା ପ୍ରକଳ୍ପ ସମ୍ବନ୍ଧରେ ଫେବୃଆରୀ ୧୨ତାରିଖରେ ତଥ୍ୟ ମାଗିଥିଲେ। ଜନ ସୂଚନା ଅଧିକାରୀ ତଥ୍ୟ ଧାର୍ଯ୍ୟ ସମୟରେ ପ୍ରଦାନ କରିବା ପରିବର୍ତ୍ତେ ଭଡାଟିଆ ଗୁଣ୍ଡା ଲଗାଇ ଧମକ ଚମକ ଦେଉଛନ୍ତି। ଶୁକଦେବ ଦେହୁରୀ ଜଣେ ଜନଜାତି ଯୁବକ ହୋଇଥିବାରୁ ତାଙ୍କୁ ଭଡାଟିଆ ଗୁଣ୍ଡା ଲଗାଇ ଧମକ ଦେଉଥିବା ବେଳର କିଛି ଅଡିଓ ସାମନାକୁ ଆସିଛି। ଯାହାକୁ ନେଇ ସେ ଅଭିଯୋଗ କରିଛନ୍ତି।

## ବାଇକ୍ ଧକ୍କାରେ ଯୁବକ ମୃତ

**ବାରିପଦା, ୨୧।୩(ସମିସ):** ବାଇକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କୁଳିଅଣା ଥାନା ଅନ୍ତର୍ଗତ କଳାପଥର ଗ୍ରାମର ଗଜେନ୍ଦ୍ର ଲୋହାର(୫୫)। ସାଲେବଡ଼ିହି ନିକଟରେ ରାସ୍ତା କଡରେ ସେ ଛିଡା ହୋଇଥିବାବେଳେ ଏକ ବାଇକରେ ୩ଜଣ ଯୁବକ ଧକ୍କା ଦେଇଥିଲେ। ଫଳରେ ସେ ଛିଟିକି ପଡ଼ିବାରୁ ମୁଣ୍ଡ ଓ ଅନ୍ୟାନ୍ୟ ସ୍ଥାନରେ ଆଘାତ ଲାଗି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପିଆରଏମ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ତାଙ୍କ ପରିବାର ଲୋକେ ବାରିପଦା ସଦର ଥାନାରେ ଅଭିଯୋଗ କରିଛନ୍ତି।

## ଗାଡ଼ିରୁ ବ୍ୟାଟେରୀ ଚୋରି

**ବାରିପଦା, ୨୧।୩(ସମିସ):** ଷ୍ଟେସନ ବଜାର ସ୍ଥିତ ଟ୍ରାକ୍ଟର ସୋରୁମ ସମ୍ମୁଖରୁ ଗାଡି ବ୍ୟାଟେରୀ ଚୋରି ହୋଇଛି। ଏନେଇ ରାଜେଶ ମିଶ୍ର ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସୋରୁମ ସମ୍ମୁଖରେ ଟାଟା ଏସସି ଗାଡି ଥିବା ବେଳେ ଦୁର୍ବୃତ୍ତମାନେ ବ୍ୟାଟେରୀ ଚୋରି କରି ନେଇଛନ୍ତି। ପରେ ସେ ଥାନାରେ ଅଭିଯୋଗ କରିଛନ୍ତି।

## ସାଇନବୋର୍ଡ ଚୋରି କରୁଥିବା ଅଭିଯୁକ୍ତ ଗିରଫ

**ବୈଶିଙ୍ଗା, ୨୧।୩(ସମିସ):** ଜାତୀୟ ରାଜପଥରେ ଗାଡିଚାଳକଙ୍କ ପାଇଁ ଲଗାଇଥିବା ସାଇନବୋର୍ଡ ଚୋରି କରୁଥିବାବେଳେ ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଉଛି ବାଲେଶ୍ୱର ସହର ଉପକଣ୍ଠ ନୂଆବଜାର-ଗଳାପୋଲ ଅଞ୍ଚଳର ନୁରୁଲ ଇସଲାମର ପୁଅ ଶେଖ ହାବିଦ(୩୯)। ଶୁକ୍ରବାର ସକାଳେ ଏକ ଭୁଟୁଭୁଟିରେ ଶେଖ ହାବିଦ ଜାତୀୟ ରାଜପଥରୁ ଚୋରି କରିଥିବା ସାଇନବୋର୍ଡକୁ ନେଇ ଯାଉଥିବା ବେଳେ ବୈଶିଙ୍ଗା ଉପକଣ୍ଠ ରଙ୍ଗାମାଟିଆଠାରେ ପୁଲିସ କାବୁ କରିଥିଲା। ପରେ ପୁଲିସ ଭୁଟୁଭୁଟି ଏବଂ ଚୋରି ସାମଗ୍ରୀ ଜବତ କରିବା ସହିତ ଗିରଫ ଅଭିଯୁକ୍ତ ଶେଖ ହାବିଦକୁ କୋର୍ଟଚାଲାଣ କରିଛି।

## ବିପୁଳ ପରିମାଣର ବିଦେଶୀମଦ ଜବତ

**ବେତନଟୀ/ବୈଶିଙ୍ଗା, ୨୧।୩(ସମିସ):** ବେତନଟୀ ଅବକାରୀ ଥାନା ଏବଂ ପୁଲିସ ସହାୟତାରେ ପଣସିଆ ଠାରେ ଚଢଉକରି ବିପୁଳ ପରିମାଣର ଚୋରା ବିଦେଶୀ ମଦ ଜବତ କରିବା ସହିତ ପଣସିଆ ଗ୍ରାମର ହିମାଂଶୁ ସେଠୀକୁ ଗିରଫ କରିଛି। ପଣସିଆ-ହେମପୁର ରାସ୍ତା ପାର୍ଶ୍ୱସ୍ଥ ଏକ ଦୋକାନରେ ହିମାଂଶୁ ଚୋରାମଦ କାରବାର କରୁଥିବାର ଖବରପାଇ ମୋବାଇଲଟିମ ଚଢଉ କରିଥିଲେ। ପରେ ତାଠାରୁ ୧୫ଲିଟର ବିଅର ଏବଂ ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଜବତ କରାଯାଇଥିଲା।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବୈଶିଙ୍ଗା, ୨୧।୩(ସମିସ):** ବୈଶିଙ୍ଗା ଥାନା ଅଧୀନ ବାଛୁରୀପଡ଼ା ଗ୍ରାମର ସ୍ୱର୍ଗତ ପରେଶଚନ୍ଦ୍ର ସାହୁଙ୍କ ୨୩ ବର୍ଷୀୟ ପୁଅ ଶୁଭମ ସାହୁ ଶୁକ୍ରବାର ସକାଳେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ବୈଶିଙ୍ଗା ପୁଲିସ ଅପମୃତ୍ୟୁ ମାମଲା ରୁଜୁ ପୂର୍ବକ ମୃତଦେହ ଜବତ କରିଛି। ବେତନଟୀ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ହୋଇଛି।

## ଶନି ପୀଠ ପରିଚାଳନା କମିଟି ପୂର୍ବତନ ସଭାପତିଙ୍କ ଶୋକସଭା

**ବାରିପଦା, ୨୧।୩(ସମିସ):** ବାରିପଦା ସ୍ଥିତ ଶନି ମହାଗ୍ରହ ପୀଠ ପରିଚାଳନା କମିଟିର ପୂର୍ବତନ ସଭାପତି ସନ୍ତୋଷ କୁମାର ଦାସ (୭୧)ଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଗତ ୧୧ତାରିଖରେ ତାଙ୍କର ପରଲୋକ ହୋଇଯାଇଛି। ଶୁକ୍ରବାର ଦଶାହ ଅବସରରେ ଏକ ଶୋକସଭା ଆୟୋଜନ କରାଯାଇ ସ୍ମୃତିଚାରଣ କରାଯାଇଥିଲା। ସେ ଦୀର୍ଘ ଦିନ ଧରି ପରିଚାଳନା କମିଟିର ସଭାପତି ରହିଥିଲେ। ସଭାରେ ୱାର୍ଡ କାଉନସିଲର ରାଜ ଗୁପ୍ତା, ଜଗେନ୍ଦ୍ର ବାରିକ, ଶିଶିର ଜେନା, ଆନନ୍ଦ ବାରିକ, ଉମାଶଙ୍କର ମହାନ୍ତି, ଜଗଦୀଶ ପ୍ରଧାନ, ସତ୍ୟବାନ୍ ସେଠୀ, ସଞ୍ଜୟ ବେହେରା, ଗୋପବନ୍ଧୁ ସେଠୀ, ଅସିତ୍ କୁମାର ସାହୁ, ସଞ୍ଜୟ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

## ଟ୍ରକ ଧକ୍କାରେ ୨ ଯୁବକ ଗୁରୁତର

କରଞ୍ଜିଆ, ୨୧।୨(ସମିସ): ଶୁକ୍ରବାର ସନ୍ଧ୍ୟାରେ କରଞ୍ଜିଆ ୧୫ନଂ. ୱାର୍ଡ କନଭେଣ୍ଟ ସ୍କୁଲ ସମ୍ମୁଖରେ ଏକ ସଡକ ଦୁର୍ଘଟଣାରେ ଦୁଇଜଣ ଗୁରୁତର ହୋଇଛନ୍ତି। ଆହତ ଦୁଇଜଣ ରାସ୍ତା ଉପରେ ଛିଟିକି ପଡ଼ିଥିବା ବେଳେ ପୂର୍ବତନ ବିଧାୟକ ବିଜୟ ନାୟକ କରଞ୍ଜିଆ ଆସୁଥିବା ବେଳେ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଆହତମାନେ ହେଲେ କରଞ୍ଜିଆ ରାଜାବନ୍ଧ ସାହିର ଉମାକାନ୍ତ ଚାତାର ଓ ରରୁଆଁର ପ୍ରକାଶ କୁମାର ଭଞ୍ଜଦେଓ। ଏମାନେ ଏକ ବାଇକ ଯୋଗେ କରଞ୍ଜିଆ ଆସୁଥିବାବେଳେ ଅପରପଟୁ ଏକ ଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା।









ସକାଳ THE SAKALA



## ମୟୂରଭଞ୍ଜ ଜିଲ୍ଲାରେ କାଳବୈଶାଖୀର ତାଣ୍ଡବ

# ୪୭୭୫ ଲୋକ ପ୍ରଭାବିତ; ୩୫୦ କଚ୍ଛାଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ



ବାରିପଦା, ୨୧।୩(ସମିସ)

ଗୁରୁବାର ସନ୍ଧ୍ୟାରେ ପ୍ରାକ୍ କାଳବୈଶାଖୀ ଜନିତ କୁଆପଥର ବୃଷ୍ଟି ଯୋଗୁଁ ମୟୂରଭଞ୍ଜ ଜିଲ୍ଲାରେ ହୋଇଥିବା କ୍ଷୟକ୍ଷତିର ପ୍ରାଥମିକ ଆକଳନ ପ୍ରଶାସନ ପକ୍ଷରୁ କରାଯାଇଛି। ଆକଳନ ଅନୁସାରେ, ବାଙ୍ଗିରିପୋଷି, ବିଶୋଇ, କୁଳିଅଣା, ସାରସକଣା ଓ କରଞ୍ଜିଆ ବ୍ଲକର ୧୯ଟି ଗ୍ରାମପଞ୍ଚାୟତର ୪୭ଟି ଗ୍ରାମର ୪ ହଜାର ୭୭୫ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ଏଥିରେ ୩୫୦ଟି କଚ୍ଚା ଘର ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଥବା ବେଳେ ୧୧ଟି କଚ୍ଚା ଘର ବିଶେଷ କ୍ଷତିଗ୍ରସ୍ତ ହୋଇଛି ଏବଂ ୨୯୫ଟି କଚ୍ଚା ଘର ଆଂଶିକ ନଷ୍ଟ ହୋଇଛି। ସେହିପରି ୪ଟି ଗୁହାଳ ଘର ନଷ୍ଟ ହୋଇଛି। ଏହାବ୍ୟତୀତ କୁଆପଥର ବୃଷ୍ଟି ଯୋଗୁଁ ବିଦ୍ୟୁତ, ଜଳ ଯୋଗାଣ, ଗମନାଗମନ ଆଦି ବ୍ୟାହତ ହୋଇଛି। ଏହି ପରିପ୍ରେକ୍ଷୀରେରେ ପ୍ରଶାସନ ତରଫରୁ ବିଭିନ୍ନ ସ୍ଥାନରେ ରିଲିଫ କେନ୍ଦ୍ର ଖୋଲାଯାଇ କ୍ଷତିଗ୍ରସ୍ତଙ୍କୁ ଥଇଥାନ କରାଯାଇଛି। ଘରଭାଙ୍ଗି ଯାଇଥିବା ଲୋକଙ୍କୁ ୧୨୭ଟି ପଲିଥିନ ଯୋଗାଇ ଦିଆଯାଇଛି। ଏଥିସହିତ ଲୋକଙ୍କ ଆଶୁ ଚିକିତ୍ସା ନିମନ୍ତେ ୫ଟି ମେଡିକାଲ ଟିମ ନିୟୋଜିତ କରାଯାଇଛି। କ୍ଷେତ୍ର ଅଧିକାରୀଙ୍କ ଦ୍ୱାରା କ୍ଷୟକ୍ଷତି ଆକଳନ ଜାରି ରହିଛି। ପୂର୍ଣ୍ଣାଙ୍ଗ ଆକଳନ ପରେ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି। ତେବେ କୁଆପଥର ବର୍ଷାରେ ଉପରୋକ୍ତ ବ୍ଲକରେ ଚାଷ ହୋଇଥିବା ଖରାଟିଆ ଧାନ, ଅଣଧାନ ଚାଷ ଆଦି ନଷ୍ଟ ହୋଇଛି। ବିଶେଷକରି ବିଶୋଇ ଓ ବାଙ୍ଗିରିପୋଷି ବ୍ଲକର ବୈତାଳୁ, ଅମୃତଭଣ୍ଡା, ପୋଟଳ, କୁନ୍ଦରୀ, ତରଭୁଜ, ମକା, ଲଙ୍କା, ନାଡୁକା, ବିମ୍, ଜହ୍ନି ଓ କଦଳୀ ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ବାଙ୍ଗିରିପୋଷି ବ୍ଲକର ଉନ୍ନତ ମାନର ଆମ୍ବ ଓ ଟସର ଚାଷ ମଧ ପ୍ରଭାବିତ ହୋଇଛି। ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ବିଧାୟକ ଡା ବୁଡାନ ମୁର୍ମୁ ଓ ପୂର୍ବତନ ଏସଡିସି ଅଧକ୍ଷ ଡା ଦେବାଶିଷ ମାରାଣ୍ଡି କ୍ଷତିଗ୍ରସ୍ତଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଅପରପକ୍ଷରେ ଭୁବନେଶ୍ୱରରେ ଆଜି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହିତ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର, ସାରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳୀ ମୁର୍ମୁ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ପୂର୍ବତନ ବୈଶିଙ୍ଗା ବିଧାୟକ କାନ୍ଦରା ସୋରେନ ପ୍ରମୁଖ ଆଲୋଚନା କରି କ୍ଷତିଗ୍ରସ୍ତ ପରିବାରକୁ ଯଥାଶୀଘ୍ର ସହାୟତା ପ୍ରଦାନ ପାଇଁ ଆଲୋଚନା କରିଛନ୍ତି। ଆସନ୍ତାକାଲି ରାଜସ୍ୱମନ୍ତ୍ରୀ ଶ୍ରୀ ପୂଜାରୀ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବେ ବୋଲି ଜିଲ୍ଲା ପ୍ରଶାସନ ସୂତ୍ରରୁ ପ୍ରକାଶ।

**ବିଦ୍ୟୁତ୍, ପାନୀୟ ଜଳ ଓ ଗମନାଗମନ ସେବା ବ୍ୟାଘାତ**

**ଆଜି ରାଜସ୍ୱମନ୍ତ୍ରୀଙ୍କ କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ**

**କୁଆପଥର ମାଡ଼ରେ ଉଜୁଡ଼ିଗଲା ପରିବା ଚାଷ**



### ୨୪ ଯାଏ ଜିଲ୍ଲାକୁ ପାଣିପାଗ ବିଭାଗର ସତର୍କତା

**ବାରିପଦା:** ପ୍ରାକ୍ କାଳବୈଶାଖୀ ପ୍ରଭାବରେ ମୟୂରଭଞ୍ଜ ଜିଲ୍ଲାରେ ଶୁକ୍ରବାର ମଧ ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗିରହିଛି। କୁଳିଅଣା, ବାରିପଦା, ବେତନଟୀ, ରାସଗୋବିନ୍ଦପୁର, ଶୁଳିଆପଦା, ମୋରଡା, ଖୁଣ୍ଟା ଓ ଗୋପବନ୍ଧୁନଗର ବ୍ଲକ ସମେତ ବାରିପଦା ସହରରେ ମଧମରୁ ପ୍ରବଳ ବର୍ଷା ହୋଇଛି। ତେବେ ଗୁରୁବାର ଭଳି କୁଆପଥର ବର୍ଷା ହୋଇ ନ ଥିବାରୁ ସମସ୍ତେ ଆଶ୍ୱସ୍ତ ହୋଇଛନ୍ତି। ପୂର୍ବାହ୍ନରେ ତାତି ଅନୁଭୂତ ହେଉଥିବା ବେଳେ ଅପରାହ୍ନରେ କାଳବୈଶାଖୀ ବର୍ଷା ପାଇଁ ତାତିରୁ ଆଶ୍ୱସ୍ତି ମିଳିଛି। ମାର୍ଚ୍ଚ ମାସ ଆରମ୍ଭରୁ ତାତିର ପ୍ରକୋପ ଆରମ୍ଭ ହୋଇଯାଇଛି। ରୌଦ୍ରତାପ ହେଉଥିବା ବେଳେ କାଳବୈଶାଖୀ ଏଥିରେ ବ୍ରେକ ଲଗେଇଛି। ତେବେ ମୟୂରଭଞ୍ଜ ଜିଲ୍ଲାରେ ଆସନ୍ତା ମାର୍ଚ୍ଚ ୨୪ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ପ୍ରଭାବରେ ବୃଷ୍ଟିପାତ ହେବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ସତର୍କ କରିଛନ୍ତି। ମାର୍ଚ୍ଚ ୨୨ ଓ ୨୩ ତାରିଖରେ ଅରେଞ୍ଜ ୱାର୍ଣ୍ଣିଂ ଥିବା ବେଳେ ମାର୍ଚ୍ଚ ୨୪ରେ ୟେଲୋ ୱାର୍ଣ୍ଣିଂ ରହିଛି। ବର୍ଷା ପ୍ରଭାବରେ ଜିଲ୍ଲାର ତାପମାତ୍ରା ନିମ୍ନଗାମୀ ହୋଇଛି। ଏହାପରେ ପୁଣି ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି।

## ବ୍ୟାଙ୍କ ଅଫ୍ ଇଣ୍ଡିଆର ୨ଟି ଶାଖା ଉଦ୍‌ଘାଟିତ



**ବାରିପଦା, ୨୧।୩(ସମିସ):** ବ୍ୟାଙ୍କ ଅଫ ଇଣ୍ଡିଆ ବାରିପଦା ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନସ୍ଥ ବାଲେଶ୍ୱର ଜିଲ୍ଲାର ଭୋଗରାଇ ଓ ଭଦ୍ରକ ଜିଲ୍ଲାର ବାସୁଦେବପୁରଠାରେ ଶୁକ୍ରବାର ୨ଟି ନୂତନ ଶାଖା ଉଦଘାଟିତ ହୋଇଯାଇଛି। ଉପ ମହାପ୍ରବନ୍ଧକ ତଥା ବାରିପଦା ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ରମେଶ ଚନ୍ଦ୍ର ଦାସ ଶାଖାର ଉଦଘାଟନ କରିଥିଲେ। ପ୍ରଥମ ଦିନରେ ବିଭିନ୍ନ ଋଣ ଯୋଜନାରେ ଆବେଦନ କରିବା ପାଇଁ ତଥା ନୂତନ ଆକାଉଣ୍ଟ ଖୋଲିବା ପାଇଁ ଜନ ସାଧାରଣ ଉତ୍ସାହ ଦେଖାଇଥିଲେ। ବ୍ୟାଙ୍କ ଅଫ ଇଣ୍ଡିଆ ବାରିପଦା ଅଞ୍ଚଳ ଅଦ୍ୟାବଧି ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ୭୦ଟି ଶାଖା ମାଧମରେ ନିରବିଚ୍ଛିନ୍ନ ସେବା ପ୍ରଦାନ କରିଆସୁଛି। ଲୋକମାନଙ୍କ ଆର୍ଥିକ ଅଗ୍ରଗତିରେ ବ୍ୟାଙ୍କର ଭୂମିକା ତଥା ସମସ୍ତ ବ୍ୟାଙ୍କିଂ ସେବା ସବୁବର୍ଗ ଏବଂ ସବୁ ଶ୍ରେଣୀର ଲୋକମାନେ କିପରି ସହଜରେ ଏବଂ ସୁବିଧାରେ ପାଇପାରିବେ ସେ ନେଇ ଶ୍ରୀ ଦାସ ଆଲୋକପାତ କରିଥିଲେ। ବ୍ୟାଙ୍କ ଅଧିକାରୀ ଅରୂପ ରତନ କୁଣ୍ଡୁ ଓ ଜିତେନ୍ଦ୍ର ଭଞ୍ଜ ଯଥାକ୍ରମେ ଭୋଗରାଇ ଓ ବାସୁଦେବପୁର ଶାଖା ପ୍ରବନ୍ଧକ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

## ଏମ୍‌ପିସି କଲେଜରେ ବିଶ୍ୱ କବିତା ଦିବସ



**ବାରିପଦା, ୨୧।୩(ସମିସ):** ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବିଶ୍ୱ କବିତା ଦିବସ ପାଳିତ ହୋଇଯାଇଛି। ୟୁନେସ୍କୋ ପକ୍ଷରୁ ୧୯୯୯ ମସିହାରୁ ମାର୍ଚ୍ଚ ୨୧ ତାରିଖକୁ ବିଶ୍ୱ କବିତା ଦିବସର ମାନ୍ୟତା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଚଳିତବର୍ଷ ଥିମ୍ ରହିଛି 'ଶାନ୍ତି ଓ ସମ୍ପର୍କ ସ୍ଥାପନରେ କବିତା ଏକ ସେତୁ'। ବିଭାଗୀୟ ମୁଖ୍ୟ ଡ. ରୀନା ମୁର୍ମୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର କବିତା ଦିବସର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ଆଧୁନିକ କବିତାରେ ବିଭିନ୍ନ ପ୍ରାୟୋଗିକ ଦିଗ ସମ୍ପର୍କରେ ସବିଶେଷ ଉପସ୍ଥାପନ କରିଥିଲେ। ଅଧ୍ୟାପିକା ଛନ୍ଦିତା ବିଶ୍ୱାଳ ପ୍ରାଚୀନ କବିତା ସମ୍ପର୍କରେ ଆଲୋଚନା କରିବା ସହ ମଧୁସୂଦନ ରାଓଙ୍କ ସୁନ୍ଦର ସଂସାର କବିତା ଆବୃତ୍ତି କରିଥିଲେ। ଅଧ୍ୟାପକ ଡ. ଦୟାନିଧି ପରିଡ଼ା ସଭାକୁ ସଞ୍ଚାଳନ କରିଥିଲେ। ଅଧ୍ୟାପକ ଅଜୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତି ଓ ସେମାନଙ୍କ ଭୂମିକା ସଂକ୍ରାନ୍ତ ବୈଠକ

## ରାଜନୈତିକ ଦଳ ସହିତ ଅତିରିକ୍ତ ଜିଲ୍ଲାପାଳଙ୍କ ଆଲୋଚନା

**ବାରିପଦା, ୨୧।୩(ସମିସ):** ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭିନ୍ନ ରାଜନୈତିକ ଦଳ ସହିତ ବୁଥସ୍ତରୀୟ ଏଜେଣ୍ଟ ନିଯୁକ୍ତି ଏବଂ ସେମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ବିଜେପିରୁ ବୀରକିଶୋର ପଟ୍ଟନାୟକ, କଂଗ୍ରେସରୁ ଶାନ୍ତନୁ କୁମାର ପାଲ, ଅଶୋକ କୁମାର ଗିରି, ଆମ ଆଦମୀ ପାର୍ଟିରୁ ଶଙ୍କର୍ଷଣ ମିଶ୍ର, ବିଜେଡିରୁ ଗଦାଧର ବେହେରା ଓ କମ୍ୟୁନିଷ୍ଟ ପାର୍ଟି ଅଫ ଇଣ୍ଡିଆ (ଏମ)ରୁ ଜି.କେ ଗୋସ୍ୱାମୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଆଲୋଚନା ମାଧମରେ ଅତିରିକ୍ତ ଜିଲ୍ଲାପାଳ ବୁଥ ସ୍ତରୀୟ ଏଜେଣ୍ଟ ନିଯୁକ୍ତି ପ୍ରକ୍ରିୟା ତଥା ସେମାନଙ୍କର ଭୂମିକା ସମ୍ପର୍କରେ ରାଜନୈତିକ ଦଳ ପ୍ରତିନିଧିଙ୍କୁ ବିଶଦ ଭାବେ ଅବଗତ କରାଇଥିଲେ। ଆଗାମୀ ସମୟରେ ପ୍ରକାଶିତ ହେବାକୁ ଥିବା ଭୋଟର ତାଲିକାକୁ ନିର୍ଭୁଲ ତଥା ତ୍ରୁଟିଶୂନ୍ୟ କରିବା ପାଇଁ ଆସନ୍ତା ୩୧ ତାରିଖ ସୁଦ୍ଧା ଏଜେଣ୍ଟ ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ସମସ୍ତ ରାଜନୈତିକ ଦଳର ସହଯୋଗ କାମନା କରିଥିଲେ।



## କୋର୍ଟ ପରିସରରୁ ଅଭିଯୁକ୍ତ ଗିରଫ

**ବାରିପଦା, ୨୧।୩(ସମିସ):** ବାରିପଦା କଚେରୀ ପରିସର ସ୍ଥିତ ଅତିରିକ୍ତ ଜିଲ୍ଲା ଓ ଦୌରା ତଥା ସ୍ୱତନ୍ତ୍ର ପୋକସୋ ଅଦାଲତରୁ ଚୋରି କରିଥିବା ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ଶୁନଗଡ଼ିଆ ଅଞ୍ଚଳର ଦିପୁ ମୁଖୀ (୩୦)। ସେ ଅଦାଲତରୁ ଏସସି ଯନ୍ତ୍ରାଂଶ ଚୋରି କରିଥିବା ନେଇ ଅତିରିକ୍ତ ପରିଚାଳକ ଲକ୍ଷ୍ମଣ ପାତ୍ର ବାରିପଦା ଟାଉନ ଥାନାରେ ଅଭିଯୋଗ କରିଥିଲେ। ଆଜି ପୁଲିସ ତାକୁ ଗିରଫ କରିବା ସହିତ ତା ଘରୁ ଚୋରୀ ଯନ୍ତ୍ରାଂଶ ଜବତ ହୋଇଛି।

## ହସ୍ପିଟାଲରେ ଚିକିତ୍ସାଧୀନ ଅଚିହ୍ନା ବୃଦ୍ଧଙ୍କ ମୃତ୍ୟୁ

ବାରିପଦା ସ୍ଥିତ ଜୟା ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ବାରିପଦା ସହରର ରାସ୍ତା କଡ଼ରେ ଜଣେ ଅଜଣା ବ୍ୟକ୍ତିକୁ ଉଦ୍ଧାର କରି ଜୟା ହସ୍ପିଟାଲକୁ ଆଣି ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ଆନୁମାନିକ ବୟସ ୬୦ବର୍ଷରୁ ଊର୍ଦ୍ଧ୍ୱବଷ ହେବ। ଏନେଇ ବାରିପଦା ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହିତ ଶବ ବ୍ୟବଚ୍ଛେଦ ପରେ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ମୃତଦେହକୁ ଚିହ୍ନଟ ପାଇଁ ୪୮ ଘଣ୍ଟା ସଂରକ୍ଷିତ ରଖାଯାଇଛି। ପରିଚୟ ଜାଣିଥିବା ବ୍ୟକ୍ତି ହସ୍ପିଟାଲରେ ପୁଲିସ ଫାଣ୍ଡି ଅଧିକାରୀ ଗୋପାଳ ମାଝୀଙ୍କ ସହ ମୋବାଇଲ ନମ୍ବର ୯୯୩୭୪୩୫୨୩୬ ଯୋଗାଯୋଗ କରିବାକୁ କୁହାଯାଇଛି।

## ଡାଲିଜାତୀୟ ଫସଲ ଉତ୍ପାଦନ ସଂକ୍ରାନ୍ତ କର୍ମଶାଳା



**ବେତନଟୀ, ୨୧।୩(ସମିସ):** ବେତନଟୀ କୃଷିଜିଲ୍ଲା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଡାଲିଜାତୀୟ ଫସଲ ଉତ୍ପାଦନ ସମ୍ପର୍କିତ ଏକ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କୃଷି କର୍ମଚାରୀ ଅଭୟ କୁମାର ସାହୁଙ୍କ ପରିଚାଳନାରେ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟତଃ ଟିଆରଏଫଏ ରାଇସ ଫଲ ମ୍ୟାନେଜମେଣ୍ଟ ଉପରେ ଆଲୋଚନା ହୋଇଥିଲା। ସହକାରୀ କୃଷି ଅଧିକାରିଣୀ ମୌସୁମୀ ମୁର୍ମୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁଡୁରୁବଣି ସମେତ ଆଖପାଖ ଗ୍ରାମରୁ ଚାଷୀ ଅଂଶଗ୍ରହଣ କରିଥିଲେ। ଡାଲିଜାତୀୟ ଫସଲ ଚାଷ ନିମନ୍ତେ କୃଷିବିଭାଗ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ସାଙ୍ଗକୁ ଅମଳ ପର୍ଯ୍ୟନ୍ତ ଉଚିତ ମାର୍ଗଦର୍ଶନ କରାଇବେ ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏଥିସହିତ ଟିଆରଏଫଏ ଯୋଜନାର ସଂଯୋଜକ ବୁଦ୍ଧିଆ ସିଂ ଲାଭଜନକ ଡାଲିଜାତୀୟ ଫସଲ ଚାଷର ଅନୁଭୂତି ସମ୍ପର୍କରେ ଚାଷୀଙ୍କୁ ସଚେତନ କରାଇଥିଲେ। ଆର୍ଥିକ ଦୃଷ୍ଟିକୋଣରୁ ଡାଲି ଜାତୀୟ ଫସଲ ଚାଷରୁ ଚାଷୀମାନେ କିଭଳି ଲାଭାନ୍ୱିତ ହୋଇପାରିବେ ସେ ନେଇ କୃଷିକର୍ମଚାରୀ ଅଭୟ କୁମାର ସାହୁ ଗଠନମୂଳକ ପରାମର୍ଶ ଦେଇଥିଲେ। ଏଥିରେ ବେତନଟୀର କୃଷକସାଥୀ ବିନୋଦଚନ୍ଦ୍ର ମହାନ୍ତ, ଜଗଦୀଶ ମହାନ୍ତ, ଏଟିଏମ ଲମ୍ବୋଦର ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ। ଗ୍ରାମ୍ୟ କୃଷିକର୍ମଚାରୀ ଅଭୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କାଳବୈଶାଖୀରେ କରଞ୍ଜିଆ ଦୋଳପଡ଼ିଆ ଖାଁ ଖାଁ

**କରଞ୍ଜିଆ, ୨୧।୩(ସମିସ):** ଗୁରୁବାର କରଞ୍ଜିଆ ସମେତ ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ହେବା ସହିତ କୁଆପଥର ବୃଷ୍ଟି ହୋଇଛି। ଫଳରେ ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ନେଇ ସୂଚନା ମିଳିଛି। ବହୁ ଘରର ଆଜବେଷ୍ଟସ ଉଡିଯିବା ସହିତ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଶୁକ୍ରବାର ମଧ ସନ୍ଧ୍ୟାରେ ପ୍ରବଳ ବର୍ଷା ଓ କୁଆପଥର ବୃଷ୍ଟି ହୋଇଛି। ଦୋଳ ପାଇଁ କରଞ୍ଜିଆ ସହର ଏବେ ଉତ୍ସବମୁଖର ହୋଇଉଠିଥିବାବେଳେ କାଳବୈଶାଖୀ ଯୋଗୁଁ ସବୁଆଡେ ଖାଁ ଖାଁ ଦେଖାଦେଇଛି। ଅଦିନିଆ କାଳବୈଶାଖୀ ପ୍ରଭାବରେ କୁଆପଥର ବୃଷ୍ଟି ଓ ପ୍ରବଳ ବର୍ଷା ଯୋଗୁଁ ମେଳା ପଡ଼ିଆ ସମ୍ପୂର୍ଣ୍ଣ ଫାଙ୍କା ପଡ଼ିଥିଲା। ଅସଜଡା ନାଳରେ ପାଣି ଭର୍ତ୍ତି ହେବା ସହିତ ରାସ୍ତାରେ ଆବର୍ଜନା ପାଣି ପ୍ରବାହିତ ହେଉଛି। ମେଳା ପଡ଼ିଆରେ କେତେକଙ୍କ ଅସ୍ଥାୟୀ ଦୋକାନରେ ମଧ ପାଣି ପଶିଯାଇଛି। ବିଶେଷକରି କାଳବୈଶାଖୀରେ ପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି।

### ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ

# ୩ ଶିକ୍ଷାନୁଷ୍ଠାନ ଓ ୪ ଗ୍ରାମ ପଞ୍ଚାୟତ ସମ୍ବର୍ଦ୍ଧିତ

ବାରିପଦା, ୨୧।୩(ସମିସ)

ବାରିପଦା ବନଖଣ୍ଡ କାର୍ଯ୍ୟାଳୟର ସଙ୍କଳ୍ପ ଭବନରେ ଶୁକ୍ରବାର ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ ହୋଇଛି। ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ଡ଼ଃ ପ୍ରକାଶ ଚାନ୍ଦ ଗୋଗିନେନି, ପରିବେଶବିତ ଡ଼ଃ ବିଜୟ ଅଗ୍ରୱାଲ, ପରିବେଶବିତ ପ୍ରଫେସର ହରିହର ଦାସ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ବନଖଣ୍ଡ ଉପନିର୍ଦ୍ଦେଶକ ସମ୍ରାଟ ଗୌଡା, ସହକାରୀ ବନ ସଂରକ୍ଷକ ତପନ କୁମାର ପରିଡ଼ା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ ଗୋଚ୍ଛାୟତ, ଏମଭିଆଇ ସାଲଖୁ ମୁର୍ମୁ ପ୍ରମୁଖ ଏହି ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସ୍ଥାନୀୟ ମଞ୍ଚାବନ୍ଧା ଠାରେ ସହିଦ ବନ କର୍ମଚାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅଧିକାରୀମାନେ ପହଞ୍ଚି ସହିଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା କରିବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୩ଟି ଶିକ୍ଷାନୁଷ୍ଠାନ ଓ ୪ଟି ଗ୍ରାମ ପଞ୍ଚାୟତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଠାକୁରମୁଣ୍ଡା ସରକାରୀ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ, ରାଇକମା ସରକାରୀ ଆଶ୍ରମ ବିଦ୍ୟାଳୟ ଓ କପ୍ତିପଦାର ଇନ୍ଦିରା ଗାନ୍ଧୀ ବାଳିକା ମହାବିଦ୍ୟାଳୟର ଯୁକ୍ତ ଦୁଇ ଜାତୀୟ ସେବା ଯୋଜନା ୟୁନିଟକୁ ପୁରସ୍କୃତ କରାଯାଇଛି। ସେହିପରି କରଞ୍ଜିଆର ବେଗୁନିଆ ପଞ୍ଚାୟତ, ଶିମିଳିପାଳ ଉତ୍ତର ବନଖଣ୍ଡର ଅସ୍ତକୁଆଁରୀ ପଞ୍ଚାୟତ, ରାଇରଙ୍ଗପୁରର ସାନପାଖନା ପଞ୍ଚାୟତ ଓ କପ୍ତିପଦାର ଡେଭଲା ପଞ୍ଚାୟତଙ୍କୁ ଅର୍ଥ ରାଶି ପୁରସ୍କାର ପ୍ରଦାନ କରାଯାଇଛି। ଅତିରିକ୍ତ ବନ ସଂରକ୍ଷକ ରବି ନାରାୟଣ ମହାନ୍ତି ମଞ୍ଚ ପରିଚଳାନା କରିଥିଲେ।




### ଜଙ୍ଗଲ ସୁରକ୍ଷା ପାଇଁ ସମ୍ବର୍ଦ୍ଧିତ ହେଲେ ୫୦ କର୍ମକର୍ତ୍ତା





ସେହିପରି ଶୁକ୍ରବାର ଷ୍ଟାଡିୟମ କନଫରେନ୍ସ ହଲ୍‌ରେ ପରିବେଶ ପ୍ରହରୀ ଓ ସ୍ୱାର୍ଡା ପକ୍ଷରୁ ବିଶ୍ୱ ବନ ଦିବସ ପାଳିତ ହୋଇଛି। ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ଡ ପ୍ରକାଶ ଚାନ୍ଦ ଗାଗୋନନୀ, ସମ୍ମାନିତ ଅତିଥି ଭାବେ ଉପନିର୍ଦ୍ଦେଶକ (ଦକ୍ଷିଣ) ସମ୍ରାଟ୍ ଗୌଡା, ମୁଖ୍ୟବକ୍ତା ଭାବେ ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶ୍, ସମ୍ମାନିତ ଅତିଥି ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲା ଜରୁରୀ କାଳୀନ ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି, କାର୍ଯ୍ୟକ୍ରମ ଆବାହକ ମଣ୍ଡଳୀର କର୍ମକର୍ତ୍ତା ପଦ୍ମଲୋଚନ ମହାନ୍ତ ଓ ପ୍ରଦୀପ କୁମାର ଦାସମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରି ଅଞ୍ଚଳରେ ସମସ୍ୟାର ସମାଧାନ ନିମନ୍ତେ ଆଞ୍ଚଳିକ କମିଟି ଗୁଡ଼ିକ ଆଗାମୀ ଏକ ମାସ ମଧ୍ୟରେ କ୍ରିୟାଶୀଳ କରିବା ପାଇଁ ପରିବେଶ ପ୍ରହରୀ ଅନୁଷ୍ଠାନ କାମ କରିବ ବୋଲି ପ୍ରକାଶ କରିଥିଲେ। ଫଳରେ ଜଙ୍ଗଲ ନଷ୍ଟ, ଜନ୍ତୁ ଶିକାର ଆଦି ସମାଧାନ ହୋଇପାରିବ। ଗାଁ କମିଟି ମଜଭୁତ୍ ହେଲେ ଜଙ୍ଗଲ ରକ୍ଷା ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କମିଟିର ୫୦ଜଣ କର୍ମକର୍ତ୍ତାଙ୍କୁ ଜଙ୍ଗଲ ସୁରକ୍ଷାର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ମୋହନ ମୁର୍ମୁ, ସଞ୍ଜୟ ଦ୍ୱାରୀ, ହରିହର ଦାସ, ମନୋରଞ୍ଜନ ନାଏକ, ବୈଦ୍ୟନାଥ ମାରାଣ୍ଡି, ପୂର୍ଣ୍ଣଚନ୍ଦ୍ର ନାଏକ, ସୁଧୀର ନାଏକ ପ୍ରମୁଖ ସହଯୋଗ କରିଥିଲେ।



ଗୁରୁବାର ସନ୍ଧ୍ୟାରେ ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ଖଡ଼ମବେଡ଼ା ଓ ଯୋଡ଼ିଆ ପଞ୍ଚାୟତରେ କାଳବୈଶାଖୀ ଯୋଗୁଁ ବ୍ୟାପକ କ୍ଷୟକ୍ଷତି।

### ଡାକ୍ତରଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୁକ୍ତଙ୍କ ଗିରଫ ଦାବି କଲେ ଅଞ୍ଚଳବାସୀ

# କାର୍ଯ୍ୟାନୁଷ୍ଠାନ ନ ହେଲେ ଡାକ୍ତରଖାନାରେ ପଡ଼ିବ ତାଲା

କୁଆମରା, ୨୧।୩(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆମରା ସ୍ଥିତ ଆଞ୍ଚଳିକ ଡାକ୍ତରଖାନାର ଜଣେ ଡାକ୍ତରଙ୍କୁ ଦୁର୍ବ୍ୟବହାର କରିବା ସହିତ ସଚେତନତା କାର୍ଯ୍ୟରେ ବାଧା ସୃଷ୍ଟି କରିଥିବା ୨ ଜଣ ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଅଞ୍ଚଳବାସୀ। ଯଦି କାର୍ଯ୍ୟାନୁଷ୍ଠାନ ନିଆନଯିବ ତାହାହେଲେ ଆସନ୍ତାକାଲି (ଶନିବାର) ସକାଳୁ ଡାକ୍ତରଖାନାରେ ତାଲା ପକାଇ ଦିଆଯିବ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ଖୁଣ୍ଟା ଥାନା ଏବଂ କୁଆମରା ଫାଣ୍ଡିରେ ଲିଖିତ ଅଭିଯୋଗ କରାଯାଇଛି। ସୂଚନା ମୁତାବକ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁବାର ମଧ୍ୟାହ୍ନରେ ପାଲା ମାଧ୍ୟମରେ ବନ୍ଧ୍ୟାକରଣ ସଚେତନତା କାର୍ଯ୍ୟକ୍ରମ ଥିଲା। ହେଲେ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଗ୍ରାମର ଦୁଇ ଜଣ ଯୁବକ ପହଞ୍ଚି କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହିତ ସଚେତନତା



କାର୍ଯ୍ୟକ୍ରମକୁ ବନ୍ଦ କରିବାକୁ ଧମକ ଦେଇଥିଲେ। ସେଠାରେ ଉପସ୍ଥିତ ଥିବା ଡାକ୍ତରଖାନାର ଦୁଇ ମେଡିକାଲ ଅଫିସର, କର୍ମଚାରୀ ଓ ଆଶା କର୍ମୀମାନେ ଉକ୍ତ ଯୁବକଙ୍କୁ ବିରୋଧ କରିଥିଲେ; କିନ୍ତୁ ଉକ୍ତ ଦୁଇଜଣ ଯୁବକ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଡାକ୍ତରମାନେ ଆଜିଠାରୁ କୌଣସି ସଚେତନତା କାର୍ଯ୍ୟକ୍ରମ କରିବେ ନାହିଁ କି ଡାକ୍ତରଖାନାର ଉନ୍ନତି ମୂଳକ କାର୍ଯ୍ୟରେ ଆନ୍ତରିକତା ଦେଖାଇବେ ନାହିଁ ବୋଲି ରୋକଠୋକ ଶୁଣାଇଦେଇଥିଲେ। ଏହି ଘଟଣା ସମାଧାନ ନିମନ୍ତେ ଶୁକ୍ରବାର ଡାକ୍ତରଖାନା ପରିସରରେ କୁଆମରା ଗ୍ରାମପଞ୍ଚାୟତ ବିକାଶ ପରିଷଦର ସଦସ୍ୟ ଓ ଆଶା କର୍ମୀ ଏକାଠି ହୋଇଥିଲେ। ବିମଳ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉକ୍ତ ଘଟଣାକୁ ନେଇ ନିନ୍ଦା କରାଯିବା ସହ ସମ୍ପୃକ୍ତ ଦୁଇ ଯୁବକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନ ହେଲେ ଶନିବାରଠାରୁ ଶାନ୍ତିପୂର୍ଣ୍ଣ ଭାବେ ଡାକ୍ତରଖାନା ବନ୍ଦ କରାଯିବା ସହିତ ଡାକ୍ତରଖାନା ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଅଞ୍ଚଳବାସୀ ତଥା ଆଶା କର୍ମୀଙ୍କ ପକ୍ଷରୁ ଏ ନେଇ ଅଭିଯୋଗ କରାଯାଇଥିବା ବେଳେ ଏହାର ଏକ ନକଲ ଜିଲ୍ଲାପାଳଙ୍କୁ ମଧ୍ୟ ପ୍ରଦାନ କରାଯାଇଛି।

# ନବମ, ଦଶମ ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇବାକୁ ଦାବି

ବେତନଟୀ, ୨୧।୩(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ଅନୁସାରେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପାଠ୍ୟ ପୁସ୍ତକର ମୂଲ୍ୟ ତାଲିକା ପ୍ରକାଶ ପାଇଛି। ଏହି ତାଲିକାରେ ନବମ ଶ୍ରେଣୀ ପାଇଁ ଇତିହାସ ଓ ରାଜନୀତି ବିଜ୍ଞାନ ପୁସ୍ତକର ସର୍ବୋଚ୍ଚ ମୂଲ୍ୟ ୯୨ ଟଙ୍କା ଥିବାବେଳେ ସର୍ବନିମ୍ନ ସଂସ୍କୃତ ପୁସ୍ତକର ମୂଲ୍ୟ ୩୧ ଟଙ୍କା ରହିଛି। ତେବେ ଏହି ପାଠ୍ୟ ପୁସ୍ତକ ସଂରକ୍ଷିତ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ମାଗଣାରେ ଯୋଗାଇ ଦିଆଯାଉଥିବା ବେଳେ ସାଧାରଣ ବର୍ଗର ପିଲା କିଣିବାକୁ ବାଧ୍ୟ। ସାଧାରଣ ବର୍ଗର ନବମ, ଦଶମ ଶ୍ରେଣୀ ପିଲାଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ମାଗଣାରେ ପାଠ୍ୟ ପୁସ୍ତକ ସରକାର ଯୋଗାଇ ଦେବାକୁ ମୟୂରଭଞ୍ଜ ଜିଲ୍ଲା ଓଷ୍ଟା ଶିକ୍ଷକ ସଂଘ ଓ ଅଭିଭାବକ ସଂଘ ପକ୍ଷରୁ ଦାବି କରାଯାଇଛି। ଯଦି ସଂରକ୍ଷିତ ବର୍ଗର ପିଲାମାନେ ପାଠ ପଢ଼ିବା ପାଇଁ ଆଇଏଏସ ଓ ଓଏଏସ କୋଚିଂ ପାଇଁ ସରକାରଙ୍କ ପକ୍ଷରୁ ମାଗଣା ତାଲିମ ପାଇବାର ବ୍ୟବସ୍ଥା ରହିଛି ତେବେ ସାଧାରଣ ବର୍ଗର ଅନେକ ଗରିବ ମେଧାବୀ ଛାତ୍ରଛାତ୍ରୀ କ'ଣ ପାଇଁ ପାଠ୍ୟ ପୁସ୍ତକ ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନ ପାଇଁ କ୍ରୟ କରି ପଢ଼ିବେ ବୋଲି ଓଷ୍ଟା ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପଳତା ଓ ସାଧାରଣ ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ ସମେତ ବହୁ ଶିକ୍ଷକ ନେତା ପ୍ରଶ୍ନ କରିଛନ୍ତି। ଏଣୁ ଗଣଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଏ ବିଷୟ ଗୁରୁତର ଭାବେ ବିଚାରକୁ ନେଇ ଆଗାମୀ ଶିକ୍ଷା ବର୍ଷରୁ ମାଗଣାରେ ପାଠ୍ୟ ପୁସ୍ତକ ନବମ ଓ ଦଶମ ଶ୍ରେଣୀର ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କୁ ଯୋଗାଇ ଦେବାକୁ ନିବେଦନ କରିଛନ୍ତି।

### ଜାତୀୟ ରାଜପଥ ପାର୍ଶ୍ୱରେ ଚାରାରୋପଣ ପ୍ରହସନ

# ପାଣି ଅଭାବରୁ ଡହଡହ ଖରାରେ ମରିଗଲାଣି ଗଛ

ବୈଶିଙ୍ଗା, ୨୧।୩(ସମିସ): ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏଏଚ୍ଏଆଇ) ପକ୍ଷରୁ ରାଜପଥ ପାର୍ଶ୍ୱ ଏବଂ ଡିଭାଇଡର୍ ମଝିରେ ବିଭିନ୍ନ ପ୍ରକାରର ଗଛ ଲଗାଇବା ନିମନ୍ତେ ବ୍ୟବସ୍ଥା ହୋଇଛି। ରାଜପଥ ସୌନ୍ଦର୍ଯ୍ୟକରଣ ତଥା ପରିବେଶ ସୁରକ୍ଷା ଲକ୍ଷ୍ୟରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି; ହେଲେ ଗଛ ଲଗାଇ ଦେବାପରେ ଆଉ ଯତ୍ନ ନିଆଯାଉନାହିଁ। ଫଳରେ



ପାଣି ଅଭାବରୁ ଡହଡହ ଖରାରେ ରାଜପଥରେ ଲାଗିଥିବା ଗଛ ମରିଗଲାଣି। ୧୮ ନଂ. ଜାତୀୟ ରାଜପଥର ୪ ଲେନ୍ ସମ୍ପ୍ରସାରଣ କାର୍ଯ୍ୟ ଶେଷ ହେବାପରେ ରାସ୍ତାର ଡିଭାଇଡର୍ ମଝିରେ ଶହଶହ ଗଛ ଲଗାଯାଇଥିଲା। ସୌନ୍ଦର୍ଯ୍ୟ ବୃଦ୍ଧି ସହ ଏହାଦ୍ୱାରା ଗୋଟିଏ ଗାଡ଼ିର ଆଲୁଅ, ପାର୍ଶ୍ୱବର୍ତ୍ତୀ ଲେନ୍‌ରେ ସାମ୍ନାରୁ ଆସୁଥିବା ଗାଡ଼ି ଉପରେ ପ୍ରତିଫଳନ ହେବନି ବୋଲି କହିଥିଲେ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷ। ଗଛ ଲଗାଇବାର ପ୍ରଥମ କିଛି ଦିନ ପାଣି ଦିଆଯାଇଥିଲା। ଗଛ ବଢ଼ିଯାଇ ପତ୍ର ହେବାବେଳକୁ ଦାଉ ସାଧିଲା ଖରା। ପାଣି ଦିଆ ନ ଯିବାରୁ ଡହଡହ ଖରାରେ ସବୁ ମରିଗଲାଣି।

# ଅଲ୍ ଇଣ୍ଡିଆ ଜନଅଧିକାର ସୁରକ୍ଷା କମିଟି ପକ୍ଷରୁ ବିକ୍ଷୋଭ

ଯଶିପୁର, ୨୧।୩(ସମିସ): ଶୁକ୍ରବାର ବନଦିବସ ପାଳନ ଅବସରରେ ଯଶିପୁର ଉପନିର୍ଦ୍ଦେଶକ ଉତ୍ତର ଶିମିଳିପାଳ ବନ୍ୟପ୍ରାଣୀ ଡିଭିଜନ ଅଫିସ୍ ସମ୍ମୁଖରେ ବିଶାଳ ଗଣବିକ୍ଷୋଭ କରାଯାଇଥିଲା। ଜଙ୍ଗଲ ସଂରକ୍ଷଣ ସଂଶୋଧନ ଆଇନ୍ ୨୦୨୩ ବାତିଲ, ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬ କଡାକଡି ଲାଗୁ କରି ଦଖଲିକୃତ ଜମିର ପଟ୍ଟା ପ୍ରଦାନ, ଶିମିଳିପାଳରୁ ଜନବସତି ଉଚ୍ଛେଦ ବନ୍ଦ କରିବା, ଜଙ୍ଗଲଜାତ ଦ୍ରବ୍ୟ ମହୁ, ଝୁଣା, ପାଳୁଅ ଆଦି ସଂଗ୍ରହରେ କଟକଣା ବନ୍ଦ କରିବା, ଜଙ୍ଗଲ ଓ ପରିବେଶକୁ ସୁରକ୍ଷା ଯୋଗାଇବା ସହିତ ଶିମିଳିପାଳକୁ ଦେଶୀ ବିଦେଶୀ କମ୍ପାନୀଙ୍କୁ ଟେକିଦେବା ଆଦି ବନ୍ଦ କରିବା ଦାବିରେ ଏକ ସ୍ମାରକପତ୍ର କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡି.ଡିଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ବିକ୍ଷୋଭରେ ଅଲ୍ ଇଣ୍ଡିଆ ଜନଅଧିକାର ସୁରକ୍ଷା କମିଟିର ସର୍ବ ଭାରତୀୟ ସଭାପତି ତଥା ପୂର୍ବତନ ବିଧାୟକ ଶମ୍ଭୁନାଥ ନାଏକ ଯୋଗଦେଇ ବିକ୍ଷୋଭକାରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶିମିଳିପାଳ ଅଞ୍ଚଳର ବରେହିପାଣି, ଗୁଡୁଗୁଡିଆ, ଅସ୍ତକୁଆଁର ପଞ୍ଚାୟତ ସମେତ ଚାକିଡି, ବାଉଁଶନାଳୀ, ଏକତାଳି ଆଦି ପଞ୍ଚାୟତରୁ ଶତାଧିକ ଲୋକ ରରୁଆଁଛକଠାରୁ ଶୋଭାଯାତ୍ରାରେ




ବାହାରି ମାଟିଆଗଡ଼ ଛକ ଡେପୁଟି ଡାଇରେକ୍ଟର ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ କମିଟି ସଦସ୍ୟ ସୁଶାନ୍ତ ମୁର୍ମୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅସ୍ତକୁଆଁରର ପୂର୍ବତନ ସରପଞ୍ଚ ଆନନ୍ଦ ବିରୁଆ, ସମିତି ସଭ୍ୟ ମଙ୍ଗଲ ବିରୁଆ, ଚିନ୍ମୟ ହେମ୍ବ୍ରମ, ସୁମିତ୍ରା ଚାତାର, ସୁରେଶ ବାର୍ଦା, ଲକ୍ଷ୍ମଣ ବିରୁଆ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ ଉଚ୍ଛେଦ ବିରୋଧୀ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ନେତାମାନେ ଚେତାବନୀ ଦେଇଛନ୍ତି।

## ମହିଳା ମହାବିଦ୍ୟାଳୟରେ ବିଶ୍ୱ କବିତା ଦିବସ



ରାଇରଙ୍ଗପୁର, ୨୧।୩(ସମିସ): ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ଶୁକ୍ରବାର ବିଶ୍ୱ କବିତା ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ରବିଶଙ୍କର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସଭାରେ ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପିକା ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ଆବାହକ ବିଜୟ ରାମ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରି କବିତା ମାଧ୍ୟମରେ 'ସାହିତ୍ୟରେ କବିତାର ସ୍ଥାନ' ଶୀର୍ଷକ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ତିଳୋତ୍ତମା ଷଡଙ୍ଗୀ, ଯଶୋଧରା ମହାନ୍ତ, ଡକ୍ଟର ରାଜେନ୍ଦ୍ର ମଣ୍ଡଳ, ବବଲୁ କୁମ୍ଭକାର, ପ୍ରିୟତ୍ତମା ହେମ୍ବ୍ରମ, ରଞ୍ଜୁଲତା ନାୟକ, ଦୀପିକା ମହାରାଣା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସେହିପରି ଛାତ୍ରୀମାନଙ୍କ ମଧ୍ୟରେ ପ୍ରିୟଦର୍ଶିନୀ ଟୁଡୁ, ଭୁମିକା ମହାନ୍ତ, ଯମୁନା ମୁଣ୍ଡା, ରୀମା ଧଳ, ମଞ୍ଜୁଲତା ବାନରା, ସଂଯୁକ୍ତା ବାସ୍କେ ସ୍ୱରଚିତ କବିତାମାନ ପାଠ କରିଥିଲେ। ଅଧ୍ୟାପିକା ଶୁଭଦର୍ଶିନୀ ମିଶ୍ର କବିତା ପାଠ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ମନରେଗା ଜନଶୁଣାଣି



ମୋରଡା, ୨୧।୩(ସମିସ): ମୋରଡ଼ା ବ୍ଲକରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସମ୍ପର୍କିତ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକଅଧ୍ୟକ୍ଷ ପୀଥନାଥ ସରେନ ଅଧ୍ୟକ୍ଷତା କରିଥିଲେ। ଅଣାକର ନାଏକ, ନିର୍ବାହୀ ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ନାଏକ, ଏପିଓ ରୂପଶ୍ରୀ ରଣା, ବ୍ଲକ ଅଡ଼ିଟର ମିତା ବେଣ୍ଟକାର, ଜିପିଇଓ ଦାୟିତ୍ୱରେ ଥିବା ପ୍ରସନ୍ନ ମହାନ୍ତ, ଜିଲା ପରିଷଦ ସଭ୍ୟ ଅଭିରାମ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମନରେଗା ଯୋଜନାରେ ୨୦୨୪-୨୦୨୫ ଆର୍ଥିକ ବର୍ଷରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାବଦରେ ଆଲୋଚନା ହୋଇଥିଲା।

## ବନାଗ୍ନି ନିୟନ୍ତ୍ରଣ ପାଇଁ ଅସ୍ଥାୟୀ କୁଟୀର



ମହୁଲଡିହା, ୨୧।୩(ସମିସ): ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଓ କେନ୍ଦୁଝର ଜିଲ୍ଲା ସଂଲଗ୍ନ ଉପାନ୍ତ ସାତକୋଶିଆ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ସଂରକ୍ଷିତ ଜଙ୍ଗଲ କମ୍ପାଟମେଣ୍ଟ ନଂ ୪ ଗୋଡଭଙ୍ଗା ଫରେଷ୍ଟ ସେକ୍ସନ ନଂ ୫୩ ରାଜ୍ୟ ରାଜପଥ ଗୋଡଭଙ୍ଗା ଘାଟି ଉପରେ ବନାଗ୍ନି ନିୟନ୍ତ୍ରଣ କରିବା ପାଇଁ ଅସ୍ଥାୟୀ କୁଟୀର ନିର୍ମାଣ ହୋଇଛି। ବନାଅଞ୍ଚଳ ପାହାଡ଼ ପର୍ବତ ଘେରା ଥିବାରୁ ରେଞ୍ଜର ରବୀନ୍ଦ୍ର ନାଥ ମହାନ୍ତଙ୍କ ନିର୍ଦ୍ଦେଶରେ ବନପାଳ ବିଜୟ କୁମାର ମହାନ୍ତ ଏକ ଉଚ୍ଚ ସ୍ଥାନରେ କୁଡ଼ିଆ ତିଆରି କରାଯାଇଛି। ଏଠାରୁ ଚାରିଆଡ଼େ ଦିନରେ ନିଆଁଧୂଆଁ ଓ ରାତିରେ ନିଆଁ ଦେଖାଯାଉଥିବାରୁ ନିୟନ୍ତ୍ରଣ କରିବାପାଇଁ ଅନ୍ୟ ବନକର୍ମଚାରୀଙ୍କୁ ସୂଚନା ଦେଇ ବନାଗ୍ନି ନିୟନ୍ତ୍ରଣ କରାଯାଉଛି। କୁଡ଼ିଆ ମଜଭୁତ ଥିବାରୁ ଯାତ୍ରୀମାନେ ଏଠାରେ ବିଶ୍ରାମ କରୁଥିବା ସମୟରେ ନିଆଁ ଦେଖିଲେ ବନବିଭାଗ କିମ୍ବା ସ୍ଥାନୀୟ ଲୋକଙ୍କୁ ଖବର ଦେଉଛନ୍ତି।

# ପଳାଶ ଫୁଲର ଶୋଭା ସୌନ୍ଦର୍ଯ୍ୟରେ ବିମୋହିତ ପ୍ରକୃତିପ୍ରେମୀ, ପଥଚାରୀ

ଖୁଣ୍ଟି, ୨୧।୩(ସମିସ): ଋତୁଚକ୍ରର ତାଳେ ତାଳେ ବଦଳୁଛି ପ୍ରକୃତିର ରୂପ ଲାବଣ୍ୟ। ଋତୁରାଜ ବସନ୍ତର ଆଗମନ ସହିତ ନବଜାତ ପଲ୍ଲବର ସ୍ନିଗ୍ଧକାନ୍ତି ଓ ବର୍ଣ୍ଣ ମାଧୁରୀ, ଆମ୍ବ ବଉଳର ସୁଗନ୍ଧରେ କୋଇଲିର କୁହୁତାନ, ରଙ୍ଗବେରଙ୍ଗ ପୁଷ୍ପ ସମ୍ଭାରରେ ଭ୍ରମର ଗୁଞ୍ଜନ ସତେ ଯେପରି ପ୍ରତି ମନପ୍ରାଣ ଓ ହୃଦୟରେ ସୃଷ୍ଟି କରିଛି ଆଶା ଅନୁରାଗ ଓ ମଧୁର ମହକ। ଗାଁ ମୁଣ୍ଡ ଜଙ୍ଗଲରୁ ଆରମ୍ଭ କରି ନଈପଠା ଅଥବା ପୋଖରୀ ହୁଡାରେ ପେଣ୍ଟା ପେଣ୍ଟା ଲାଲ ଟହଟହ ପଳାଶ ଫୁଲର ସମ୍ଭାର ପରିବେଶକୁ ରଙ୍ଗୀନ କରି ଗଢି ତୋଳିଛି। ପଳାଶ ଫୁଲ ଉଜ୍ଜ୍ୱଳ କମଳା-ଲାଲ ରଙ୍ଗ ବିଶିଷ୍ଟ ଅଗ୍ନିଶିଖା ସଦୃଶ ହୋଇଥିବାରୁ ଏହାକୁ ଫ୍ଲେମ୍ ଅଫ ଦ ଫରେଷ୍ଟ ବା ଜଙ୍ଗଲର ଅଗ୍ନିଶିଖା କୁହାଯାଏ। ହିନ୍ଦୁଧର୍ମରେ ପଳାଶକୁ ଅଗ୍ନିଦେବଙ୍କ ସ୍ୱରୂପ ଭାବେ ମାନ୍ୟତା ଦିଆଯାଇଛି। ବାସହୀନ ଓ ଗନ୍ଧହୀନ ବୋଲି ଦେବଦେବୀଙ୍କ ପୂଜାରେ ବିଶେଷ ଭାବେ ଲାଗୁ ନ ଥିଲେ ସୁଦ୍ଧା ଦୋଳଯାତ୍ରା ସମୟରେ ବିମାନରେ ଅଧିଷ୍ଠିତ ରାଧାକୃଷ୍ଣଙ୍କ ଚରଣରେ ଏହାକୁ ଅର୍ପଣ କରାଯାଇଥାଏ। ଏଥି ସହିତ ଚୈତ୍ରମାସ ମଙ୍ଗଳବାରରେ ମଧ୍ୟ ମା' ମଙ୍ଗଳାଙ୍କ ନିକଟରେ ଏହାକୁ ନୈବେଦ୍ୟ ଆକାରରେ ଲାଗିକରାଯାଇଥା। ଔଷଧୀୟ ଗୁଣଥିବା ଏହି ଗଛର



ସର୍ବାଙ୍ଗ (ପତ୍ର, ପୁଷ୍ପ, ମଞ୍ଜି, କାଷ୍ଠ ଓ ମୂଳ) ଆୟୁର୍ବେଦୀୟ ଔଷଧୀ ଭାବରେ ବିଶେଷ ଉପଯୋଗୀ ହୋଇଥାଏ। ତେବେ ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟିସ୍ଥିତ କିଚକଗଡ଼ ଓ ବିରାଟଗଡ଼ ବନାଞ୍ଚଳ ସମେତ ବିଭିନ୍ନ ସ୍ଥାନରେ ପ୍ରସ୍ଫୁଟିତ ପଳାଶ ପୁଷ୍ପର ଐନ୍ଦ୍ରଜାଳିକ ଶୋଭା ସୌନ୍ଦର୍ଯ୍ୟରେ ବିମୋହିତ ପଥଚାରୀ, କବି, ଭାବୁକ ତଥା ପ୍ରକୃତିପ୍ରେମୀ ଆନମନା ହୋଇ ଘଡିଏ ଅଟକି ଯାଉଛନ୍ତି।

## ସିରିଡି ସାଇବାବାଙ୍କ ଚଭାଡି ରଥଯାତ୍ରା

ରାଇରଙ୍ଗପୁର, ୨୧।୩(ସମିସ):ରାଇରଙ୍ଗପୁର ଦୁର୍ଗାମଣ୍ଡପ ନିକଟ ସିରିଡି ସାଇବାବାଙ୍କ ମନ୍ଦିରରେ ଗୁରୁବାର ପାରମ୍ପରିକ ରୀତିନୀତିରେ ଚଭାଡି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂଜକ ବୈରାଗୀ ଚରଣ ଧଳଙ୍କ ରୀତିନୀତି ଅନୁସାରେ ଏକ ଭବ୍ୟରଥରେ ବିରାଜମାନ କରି ରାଇରଙ୍ଗପୁର ସହରର ବିଭିନ୍ନ ଜାଗାରେ ଭ୍ରମଣ କରିଥିଲେ। କୁଚେଇବୁଢୀ, ବଜାର, ଅରବିନ୍ଦ କଲୋନୀ, ଦୁର୍ଗାମଣ୍ଡପ ପଟ୍ଟନାୟକ କଲୋନୀ, ଲିଙ୍କ ରୋର୍ଡ ବାଟେ ଦେଇ ପରିକ୍ରମା କରିବା ପରେ ପୁଣି ମନ୍ଦିରରେ ପହଞ୍ଚିଥିଲେ। ଏହାପରେ ଭକ୍ତମାନଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ଏଥିରେ ମନ୍ଦିରର ମୁଖ୍ୟ ପୁରୋହିତ ଶ୍ରୀମାନ ଧଳଙ୍କ ସହିତ ମନ୍ଦିର କମିଟି ସମ୍ପାଦକ ଦୁଷ୍ମନ୍ତ କୁମାର ବସା, ଉପଦେଷ୍ଟା ଗୌରୀଶଙ୍କର ଦତ୍ତ, ଅଶୋକ କୁମାର ପାଲ, ପ୍ରଦୀପ ଦାସ, ସାଗର ବେହେରା, ବସନ୍ତ ପାଣି, ରବୀନ୍ଦ୍ର କୁମାର ସାହୁ, ସୁରେନ୍ଦ୍ର ସାହୁ, ହେମନ୍ତ କୁମାର ବେହେରା, ମାନସୀ ଧଳ, ଗୀତାଞ୍ଜଳି ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ବିଶୋଇ, ୨୧।୩ (ସମିସ): ବିଶୋଇ ବ୍ଲକ ମଣଦା ସ୍ଥିତ କଳିଙ୍ଗ ଡିଗ୍ରୀ କଲେଜରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଭୂପତି କୁମାର ମହାନ୍ତ ଶିବିରକୁ ଉଦଘାଟନ କରିବା ପରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା କୌଶଳର ଗୁରୁତ୍ୱ ଉପରେ ଆଲୋଚନା କରିବା ସହିତ ନିର୍ଯାତନା ମୁକ୍ତ ସମାଜ ଗଠନରେ ଏହା ସହାୟକ ହେବ ବୋଲି ବ୍ୟକ୍ତବ୍ୟ ରଖିଥିଲେ। ମାଷ୍ଟର ଟ୍ରେନର ଶିବାନୀ ବେହେରା ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ। ଅଧ୍ୟାପକ ସମ୍ବିତ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗବନ୍ଧୁ ହାଇସ୍କୁଲରେ ଅନ୍ତର୍ଜାତୀୟ ବନ ଦିବସ



ବଡ଼ସାହି, ୨୧।୩(ସମିସ): ବଡ଼ସାହି ବ୍ଲକ ବାଲିଯୋଡି ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ୟୁଥ୍ ଏଣ୍ଡ ଇକୋ କ୍ଲବ୍ ତରଫରୁ ଅନ୍ତର୍ଜାତୀୟ ବନ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ପାର୍ବତୀ ମୁର୍ମୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଛାତ୍ରଛାତ୍ରୀଙ୍କୁ ବନ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଦୀପକ ରାମ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷକ ପ୍ରାର୍ଥସାରଥୀ ଜେନା ପରିଚାଳନା କରିଥିଲେ।

### ବିଶ୍ୱବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର

# ସାନ୍ତାଳୀ ଭାଷାର ସମୃଦ୍ଧି ଉପରେ ଗୁରୁତ୍ୱ

ବାରିପଦା, ୨୧।୩(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଇଂରାଜୀ ଓ ସାନ୍ତାଳୀ ବିଭାଗ ଦ୍ୱାରା ଏକ ଦୁଇ ଦିବସୀୟ ଜାତୀୟ ଆଲୋଚନାଚକ୍ର ସଫଳତାର ସହିତ ଆୟୋଜିତ ହୋଇଯାଇଛି। 'କାଳଜୟୀ ସ୍ୱର: ଭାରତୀୟ ଆଦିବାସୀ ସଂସ୍କୃତି ଏବଂ ସାହିତ୍ୟ' ଶୀର୍ଷକ ଏହି ଦୁଇ ଦିନିଆ ଜାତୀୟ ଆଲୋଚନାଚକ୍ରରେ ଉଦଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ପୃଷ୍ଠପୋଷକ ଭାବେ ଯୋଗଦେଇ ଆଦିବାସୀ ଜନଜାତିଙ୍କର ଦେଶଜ ସ୍ୱରର ବିଭିନ୍ନ ଦିଗ ଉପରେ ତାଙ୍କର ଆଲୋଚନା କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରା ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତର ସାଂସ୍କୃତିକ ବିବିଧତା, ବିଶେଷକରି ଆଦିବାସୀ ସଂସ୍କୃତି ଉପରେ ତାଙ୍କର ମୂଲ୍ୟବାନ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ବାବେ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ଡକ୍ଟର ଖୁଦିରାମ ମୁର୍ମୁ ସାନ୍ତାଳୀ ଭାଷାର ସମୃଦ୍ଧି ଉପରେ ଆଲୋକପାତ



କରିଥିଲେ। ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ଡକ୍ଟର ଦେବଦାସ ରାୟ ଭାରତ ଏବଂ ଏହାର ବିଭିନ୍ନ ସଂସ୍କୃତି ବିଷୟରେ ବର୍ଣ୍ଣନା କରିଥିଲେ। ସି.ଭି. ରମଣ ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟର ଡକ୍ଟର ମିନୁଶ୍ରୀ ପଟ୍ଟନାୟକ ଭାରତୀୟ ଆଦିବାସୀ ଲେଖାର ଉତ୍ପତ୍ତି ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଲୋଚନାଚକ୍ରର ଆବାହିକା ପ୍ରଫେସର କବିତା କୁମାରୀ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ଡ. ଯତୀନ୍ଦ୍ରନାଥ ବେଶ୍ରା କାର୍ଯ୍ୟକ୍ରମର ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଯୁଗ୍ମ କାର୍ଯ୍ୟକାରୀ ସମ୍ପାଦକ ଇଂରାଜୀ ବିଭାଗର ଅଧ୍ୟାପିକା ପ୍ରତୀକ୍ଷା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଯୁଗ୍ମ କାର୍ଯ୍ୟକାରୀ ସଚିବ ଇଂରାଜୀ ବିଭାଗର ଅଧ୍ୟାପିକା ଅଭିପ୍ସା ପଟ୍ଟନାୟକ, ପ୍ରୀତିଲଗ୍ନା ସନ୍ତୋଷୀ ମହାକୁଡ ଓ ସାନ୍ତାଳୀ ବିଭାଗର ଅଧ୍ୟାପକ ଦୁର୍ଗା ସୋରେନ, ପିଲଚୁଆନୁ ଠାକୁର ମୁର୍ମୁ ଏବଂ ଉଭୟ ବିଭାଗର ଛାତ୍ରଛାତ୍ରୀ ପରିଚାଳନାରେ ସହଯୋଗ କରିଥିଲେ। ଏହି ଆଲୋଚନାଚକ୍ରରେ ରାଜ୍ୟ ଏବଂ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ କଲେଜରୁ ଉଭୟ ଭାଷାରେ ପ୍ରାୟ ୧୦୭ଟି ଲେଖା ଗ୍ରହଣ କରାଯାଇଛି। ଦ୍ୱିତୀୟ ଦିନରେ ଏକ ବିଦାୟୀ ଅଧିବେଶନ ସହିତ ଏହି ଜାତୀୟ ସମ୍ମିଳନୀ ସଫଳତାର ସହ ଶେଷ ହୋଇଥିଲା।

## ମିଳିଲା ସତ୍ୟଭାମାଙ୍କୁ ବିଧବା ଭତ୍ତା



**ବେଲବାହାଲି, ୨୧।୩(ସମିସ):** ଦୀର୍ଘ ୧ ବର୍ଷରୁ ଅଧିକ ହେବ ବିଧବା ଭତ୍ତାରୁ ବଞ୍ଚିତ ଥିବା ଆନନ୍ଦପୁର ବ୍ଲକ ହରିଡ଼ାପାଳ ପଞ୍ଚାୟତ ୯ ନଂ ୱାର୍ଡର ସତ୍ୟଭାମା ମାଝୀ (୬୮)ଙ୍କୁ ଆଜି ବିଧବା ଭତ୍ତା ମିଳିଥିବା ଜଣାଯାଇଛି। ଉକ୍ତ ଗ୍ରାମର ସ୍ୱର୍ଗତ ବଳଭଦ୍ର ମାଝୀଙ୍କ ଦେହାନ୍ତ ହେବାର ଏକ ବର୍ଷ ପୂରୁଥିଲେ ମଧ୍ୟ ବିଧବା ଭତ୍ତା ପାଇବାରୁ ବଞ୍ଚିତ ଥିଲେ ସତ୍ୟଭାମା ମାଝୀ। ସତ୍ୟଭାମାଙ୍କୁ ଆହା ବୋଲି କହିବାକୁ ନିଜର ବୋଲି କେହି ନଥିବା ବେଳେ ଯିଏ ଯାହା ଦେଉଛି ଏବଂ ସରକାରଙ୍କ ତରଫରୁ ମାସକୁ ପାଉଥିବା ୫କିଲୋ ଚାଉଳରେ ଗୁଜୁରାଣ ମେଣ୍ଟାଉଥିବା କହିଥିଲେ। ଏହି ସମସ୍ୟାର ସମାଧାନ ନିମନ୍ତେ ଦୈନିକ ଖବର କାଗଜ "ସକାଳ'ରେ ଖବର ପ୍ରକାଶିତ ହେବା ପରେ ପ୍ରଶାସନ ପକ୍ଷରୁ ସତ୍ୟଭାମାଙ୍କୁ ଏକାଥରକେ ୪ ମାସର ବିଧବା ଭତ୍ତା ମିଳିଥିବା ଜଣାଯାଇଛି। ଭତ୍ତା ଗଣ୍ଡିକ ପାଇ ସତ୍ୟଭାମା ଖୁସି ହେବା ସହ ପ୍ରଶାସନିକ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଡିଜିଟାଲ ଚାଷୀ ପଞ୍ଜୀକରଣ ସଚେତନତା



**ରାମଚନ୍ଦ୍ରପୁର,୨୧।୩(ସମିସ):** ଡିଜିଟାଲ କୃଷି ଅଧୀନରେ କୃଷକ ପଞ୍ଜୀକରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଘସିପୁରା ବ୍ଲକର ବିଭିନ୍ନ ପଞ୍ଚାୟତରେ ସଚେତନ କରାଯାଉଛି। ଆଧାରକାର୍ଡ, ଜମି ପଟ୍ଟା ସହ ଆଧାର ସଂଯୋଗ ମୋବାଇଲ ନମ୍ବର ଧରି ନିକଟସ୍ଥ ଜନସେବା କେନ୍ଦ୍ର, ମୋ ସେବା କେନ୍ଦ୍ର କିମ୍ବା ମୋବାଇଲ ପଞ୍ଜୀକରଣ କରିବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଉଛି। ଶାଳଦେଇ, ତରୁଆଁ, ରାମଚନ୍ଦ୍ରପୁର, ଅଳତି, ପୁରୁଣାବାନ୍ଧଗୋଡା, ଗଁପୁର, ଗଡବାନ୍ଧଗୋଡା, ମଦନପୁର, ଖଳଣା, ମଛାଳୋ, ସାଇଁକୁଳ, ବାତୋ, ପଣ୍ଡୁଆ ପଞ୍ଚାୟତରେ କୃଷକ ପୋର୍ଟାଲରେ ପଞ୍ଜୀକରଣ କରିବାକୁ ନିବେଦନ କରାଯାଇଛି।

## କେ.ବାଲିପାଳରେ ବିଶ୍ୱ ବନ ଦିବସ



**ହାଟଡ଼ିହୀ, ୨୧।୩(ସମିସ):** ହାଟଡ଼ିହୀ ବ୍ଲକ ଅନ୍ତର୍ଗତ କେ.ବାଲିପାଳଠାରେ ବିଶ୍ୱ ବନଦିବସ ପାଳିତ ହୋଇଛି। ସ୍ୱେଚ୍ଛାସେବୀ ସଂଗଠନ ଆର୍‌ସିଡିସି ଦ୍ୱାରା ବିଶ୍ୱ ବନଦିବସ ପାଳନ ଅବସରରେ କେ.ବାଲିପାଳ ଗ୍ରାମଠାରେ ବନବାସୀମାନେ ଜଙ୍ଗଲ ସୁରକ୍ଷା ପରିଚାଳନା ସହ ଜଙ୍ଗଲ ନିଆଁ ନିୟନ୍ତ୍ରଣ ଉପରେ ନିରନ୍ତର ଦୃଷ୍ଟି ଦେବା ପାଇଁ ଶପଥ ନେଇଥିଲେ। ହଦଗଡ଼ ହସ୍ତୀ ଅଭୟାରଣ୍ୟ ମଧ୍ୟରେ ଥିବା ଗ୍ରାମବାସୀ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଓ ପ୍ରକ୍ରିୟା କରଣ ବେଳେ ଜଙ୍ଗଲର କିଛି କ୍ଷତି ନହେବା ପାଇଁ ଗୁରୁତ୍ୱ ଦିଆଯାଇଥିଲା। ଲୋକେ ଜଙ୍ଗଲ ଜଗା ରଖାକୁ ନିୟମିତ କରିବା ସହ ଗୋଚାରଣ ବେଳେ ଜଙ୍ଗଲର ଛୋଟ ଛୋଟ ଗୁଳ୍ମଲତା ଯେପରି ନଷ୍ଟ ନହେବ ସେଥିପାଇଁ ଯତ୍ନବାନ ହେବାକୁ ଚର୍ଚ୍ଚା କରାଯାଇଥିଲା। ଏଥିସହ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ବେଳେ ଯଥେଷ୍ଟ ସାବଧାନ ହେବାକୁ ପରାମର୍ଶ ଦିଆଯାଇଛି। କାର୍ଯ୍ୟକ୍ରମ ପରିଚାଳକ ଆନନ୍ଦ ସେଠୀଙ୍କ ସଂଯୋଜନାରେ ବୁଦ୍ଧିରାମ ପୂର୍ତ୍ତୀ, ସପା ମହାକୁଡ, ଗୁଣ୍ଡେ ବଦ୍ରା, ଇନ୍ଦ୍ରମଣି ହୋ, ରାମ ପୂର୍ତ୍ତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଗ୍ରାମ ପାଖ ଖୋଲା ଅଞ୍ଚଳରେ ବୃକ୍ଷରୋପଣ ସହ ଜଙ୍ଗଲ ସମ୍ପଦ ପରିଚାଳନା ପାଇଁ ଗ୍ରାମବାସୀ ଏକ ମନ ହେବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେଇଥିଲେ। ସବୁ ଜଙ୍ଗଲ ଅଞ୍ଚଳର ସମ୍ପଦକୁ ସଠିକ୍ ଆକଳନ ସହ ଜୈବ୍ୟ ବିବିଧତାକୁ ଗୁରୁତ୍ୱ ଓ ଏହାର ପଞ୍ଜୀକରଣକୁ ଗ୍ରାମବାସୀ କିପରି କରିବେ ଏହା ଉପରେ ବିଶେଷ ଆଲୋଚନା ହୋଇଥିଲା। ରାମୟୀ ପୂର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଫୁଲକଅଁଳେଇ ଗାଁକୁ ଯାଉନି ପାଇପ୍ ଜଳ

# ବର୍ଷସାରା ଜଳ ଯନ୍ତ୍ରଣା ଭୋଗୁଛନ୍ତି ହଜାରେ ଲୋକ





**ତୁରୁମୁଙ୍ଗା, ୨୧।୩(ସମିସ)**

ଖରା ଦିନ ହେଉକି ବର୍ଷା ଦିନ ବର୍ଷକ ବାର ମାସ ଜଳ ଯନ୍ତ୍ରଣା। କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚମ୍ପୁଆ ବ୍ଲକ ଜଜପଶି ପଞ୍ଚାୟତ ଫୁଲକଅଁଳେଇ ଗ୍ରାମର ୩ଟି ୱାର୍ଡର ପ୍ରାୟ ୧୦୦୦ ଲୋକ ଏଭଳି ଦୁର୍ଦ୍ଦିନରେ କାଳାତିପାତ ବସବାସ କରୁଛନ୍ତି। ଗ୍ରାମର ବ୍ରାହ୍ମଣସାହି, ନାଏକସାହି ଏବଂ ହରିଜନସାହିବାସୀ ପିଇବା ପାଣିକୁ ନେଇ ନାନା ସମସ୍ୟା ଭୋଗୁଛନ୍ତି। ସମସ୍ୟା ନେଇ ବର୍ଷ ବର୍ଷ ଧରି ପଞ୍ଚାୟତ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ନେତାଙ୍କ ପର୍ଯ୍ୟନ୍ତ ଗୁହାରି କଲେ ମଧ୍ୟ ସାହିକୁ ପାନୀୟଜଳ ଯୋଗାଣ ହୋଇ ପାରୁନାହିଁ। ଲୋକଙ୍କୁ ପାଇପ ଯୋଗେ ପାନୀୟଜଳ ଯୋଗାଣ କରିବା ପାଇଁ ଦୁଇ ବର୍ଷ ତଳୁ ପାଇପ୍ ବିଛା ହେବା ସହ ଘର ସମ୍ମୁଖରେ ପାଣି ଟ୍ୟାପ ମଧ୍ୟ ଲଗାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ ଜଳଯୋଗାଣ ହୋଇ ପାରୁନାହିଁ। ଗାଁ ଦେଇ ଯାଇଥିବା ପାଇପଲାଇନ ଫାଟି ରାସ୍ତାରେ ପାଣି ବୋହି ଯାଉଥିବା ବେଳେ ଲୋକମାନେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ପିଇବା ପାଣି ପାଇଁ ଲୋକେ ବର୍ଷ ବର୍ଷ ଧରି ସଂଘର୍ଷ କରିଆସୁଛନ୍ତି। ଗାଁ ଦେଇ ଯାଇଥିବା ଜହ୍ନେଇ ନାଳର ପାଣି ଉପରେ ମଧ୍ୟ ଭରସା କରୁଛନ୍ତି। ନାଳରେ ଚୁଆ କରି ଦୂଷିତ ପାଣିକୁ ଆଣି ପାନୀୟଜଳ ଭାବରେ ବ୍ୟବହାର କରୁଛନ୍ତି। ଫଳରେ ନାନା ସଂକ୍ରମଣ ରୋଗରେ ଗ୍ରାମବାସୀ ଶିକାର ହେଉଛନ୍ତି।

**ପାଇପ୍ ଫାଟି ବୋହିଯାଉଛି ପାଣି; ଗ୍ରାମବାସୀଙ୍କୁ ମିଳୁନି ମୁନ୍ଦାଏ**



ସରକାର ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ କରିବା ପାଇଁ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଥିଲେ ମଧ୍ୟ ଲୋକେ ପାନୀୟଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ସରକାରଙ୍କ ଯୋଜନା ଏବେ ଏହି ଗ୍ରାମବାସୀ ପାଇଁ ଯୋଜନ ଦୂରରେ ରହିଛି। ପ୍ରତ୍ୟେକ ଥର ନିର୍ବାଚନ ଆସିଲେ ନେତା ଓ ଜନ ପ୍ରତିନିଧି ଲୋକଙ୍କୁ ପ୍ରତିଶ୍ରୁତିରେ ପୋତି ପକାନ୍ତି। ଭୋଟ ନେଇ ଯିବା ପରେ ନିର୍ବାଚନ ପରେ ନିର୍ବାଚନ ଯାଉଛି ନେତା ପରେ ନେତା ବଦଳୁଛନ୍ତି; ହେଲେ ଲୋକଙ୍କ ସମସ୍ୟା ଦୂର ହେଉନାହିଁ ବୋଲି ଫୁଲକଅଁଳେଇ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଏନେଇ ଚମ୍ପୁଆ ଜଳଯୋଗାଣ ବିଭାଗ ଯନ୍ତ୍ରୀ କରନ ସୋରେନ କହିଛନ୍ତି, ମିରିଗିସିଙ୍ଗାଠାରୁ ଜଳଯୋଗାଣ କରିବା ପାଇଁ ପାଇପ ବିଛା ହୋଇଛି। ପ୍ରାୟ ଗ୍ରାମଗୁଡିକୁ ଜଳଯୋଗାଣ କରାଯାଉଛି। ଫୁଲକଅଁଳେଇ ଗ୍ରାମ ବ୍ଲକର ଶେଷ ସୀମାରେ ଥିବାରୁ ଜଳଯୋଗାଣରେ ବିଳମ୍ବ ହେଉଛି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାସହ ଖୁବଶୀଘ୍ର ଗ୍ରାମକୁ ପାଇପ ଯୋଗେ ପାନୀୟଜଳ ଯୋଗାଣ କରିବାକୁ ଗ୍ରାମର ବଳଭଦ୍ର କର, ଶତ୍ରୁଘନ କର, ବିବେକାନନ୍ଦ କର ଲକ୍ଷ୍ମୀଲତା କର, ଫକୀର କର, ଈଶ୍ୱର କର, ଦେବବ୍ରତ ବେହେରା, ବସନ୍ତ ବେହେରା, ସନ୍ତୋଷ ନାଏକ, ଗଜେନ୍ଦ୍ର ନାଏକ ଦାବି କରିଛନ୍ତି।

### ଗ୍ରୀଷ୍ମ ଆରମ୍ଭରୁ ପାଣି ପାଇଁ ହାହାକାର

## ନାରଙ୍ଗପୁର ଛକରେ ମହିଳାଙ୍କ ରାସ୍ତାରୋକ



ଆନନ୍ଦପୁର, ୨୧।୩ (ସମିସ): ଗ୍ରୀଷ୍ମ ଋତୁ ଆରମ୍ଭରୁ ପାଣି ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ଯଥେଷ୍ଟ ଆଗରୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସମସ୍ୟାକୁ ଗୁରୁତ୍ୱ ଦେଇ ନଥିବାରୁ ଲୋକେ ହେଉଛନ୍ତି ହୀନସ୍ତା। ନାରଙ୍ଗପୁର୍ ଗ୍ରାମବାସୀ ପାଇପ୍ ପାଣି ନ ମିଳିବା ପ୍ରତିବାଦରେ ଆଜି ରାସ୍ତାରୋକ କରିଛନ୍ତି। ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ନାରଙ୍ଗପୁର ଛକଠାରେ ରାସ୍ତାରୋକ କରିଥିଲେ ଶତାଧିକ ମହିଳା। ଗତ ଆଠଦିନ ହେବ ନିୟମିତ ଭାବେ ଦିନକୁ ୨ ଥର ପାଇପ୍‌ରେ ପାଣି ଆସୁନାହିଁ। ଫଳରେ ଲୋକେ ପିଇବା ପାଣି ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ହାରିଗୁହାରି କରି ବିଫଳ ହେବାରୁ ବାଧହୋଇ ଆଜି ରାସ୍ତାରୋକ କରିଥିବା କହିଛନ୍ତି। ଫଳରେ ସେହି ରାସ୍ତା ଦେଇ ଯାତାୟାତରେ ସମସ୍ୟା ଦେଖା ଦେଇଥିଲା। ଯେ ପର୍ଯ୍ୟନ୍ତ ପାଣି ସମସ୍ୟାର ସମାଧାନ ନହୋଇଛି ସେ ପର୍ଯ୍ୟନ୍ତ ରାସ୍ତାରୋକ ଜାରି ରହିବ ବୋଲି କହିଛନ୍ତି ଆନ୍ଦୋଳନକାରୀ ମହିଳା। ଦୀର୍ଘ ସମୟ ଧରି ରାସ୍ତାରୋକ ହୋଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଘଟଣାସ୍ଥଳକୁ ଯାଇ ନଥିବା ଆନ୍ଦୋଳନକାରୀ ଯଶୋଦା ଜେନା, ଅଶାନ୍ତି ନାୟକ, ଝରଣା ଜେନା ପ୍ରକାଶ ଅଭିଯୋଗ କରିଥିଲେ। ପରେ ଖବର ପାଇ ସରଜମିନ ଅନୁଧ୍ୟାନ ପୂର୍ବକ ଘଷିପୁରା ବିଡିଓ ପାଣି ସମସ୍ୟାର ସମାଧାନ କରିଥିବା ଜଣାପଡ଼ିଛି। ପମ୍ପ ହାଉସରେ ଉପସ୍ଥିତ ରହି ତାଲା ଭାଙ୍ଗି ପାଣି ଯୋଗାଇ ଲୋକଙ୍କ ଦାବି ପୂରଣ କରିଛନ୍ତି। ଅପରପକ୍ଷରେ, ପମ୍ପ ହାଉସ ଅପରେଟରଙ୍କ ମନମାନି ପାଇଁ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି।

## ବାତୋରେ ୭୫ତମ ପଞ୍ଚଦୋଳ ଯାତ୍ରା ଉଦ୍‌ଯାପିତ



ଆନନ୍ଦପୁର, ୨୧।୩ (ସମିସ): ବାତୋ ଗ୍ରାମରେ ବାବାନ ମାଝୀ ଏବଂ କୁଶ ପରିଡ଼ାଙ୍କ ଅଧ୍ୟକ୍ଷତା ରେ ୭୫ତମ ପଞ୍ଚଦୋଳଯାତ୍ରା (ମେଳଣ) ଅତି ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଓଡ଼ିଶାରେ ଫଗୁ ଦଶମୀରୁ ଦୋଳ ଯାତ୍ରା ଆରମ୍ଭ ହୋଇଥାଏ। ଦ୍ୱାଦଶ ଶତାବ୍ଦୀର ଓଡ଼ିଆ ଜ୍ୟୋତିର୍ବିଦ ଶତାନନ୍ଦଙ୍କ ରଚିତ ଶତାନନ୍ଦ ସଂଗ୍ରହରେ ଦୋଳଯାତ୍ରା ସଂପର୍କରେ ବିଭିନ୍ନ ବର୍ଣ୍ଣନା କରାଯାଇଛି। ଏହି ପୁରାତନ ପରମ୍ପରା ବାତୋରେ ପଞ୍ଚଦୋଳ ଭାବେ ପାଳିତ ହୋଇଛି। ରାତ୍ର ୧୨ଟାରେ ବାତୋସ୍ଥିତ ବାବା ବକୁଳି ମଠରୁ କରଡ଼ାପାଳ ଗ୍ରାମର ଜଗନ୍ନାଥ ମନ୍ଦିରକୁ ରାଧାକୃଷ୍ଣଙ୍କ ବିମାନ ଯାଇଥିଲା। ବିମାନ ଯିବା ସମୟରେ ସଂକୀର୍ତ୍ତନମଣ୍ଡଳୀର ଗୌରଭକ୍ତଙ୍କ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଇ ନିଆଯାଇଥିବା ବେଳେ ଗ୍ରାମରେ ଭକ୍ତିମୟ ସୃଷ୍ଟି ହୋଇଥିଲା। ମେଳଣ ପଡ଼ିଆରେ ମୀନା ବଜାର ପଡ଼ିଥିବା ବେଳେ ଲୋକେ ବିଭିନ୍ନ ପ୍ରକାର ଘରକରଣା ଜିନିଷ କିଣି ପାଇଁ ଭିଡ ଜମାଇଥିଲେ। ଏହି ଉତ୍ସବ ଗ୍ରାମବାସୀଙ୍କ ସହାୟତାରେ ହୋଇଥିବା ବେଳେ ଶରତ ଜେନା, ଯୋଗେନ୍ଦ୍ର ଜେନା, ଶରତ ମାଝୀ, ରିଲୁ ଦଳେଇ, ଚିନ୍ତାମଣି ଜେନା, ଗୋବର୍ଦ୍ଧନ ଜେନା, ତୋଫାନ ଜେନା, ଟୁନୁ ଦେହୁରୀ, ନରତ୍ତୋମ ପରିଡ଼ା, ନିର ଦଳେଇ, କୋଦଣ୍ଡ ସା ସହଯୋଗ କରିଥିଲେ।

## ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି



**କେନ୍ଦୁଝର, ୨୧।୩(ସମିସ):** କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଓଡିଶା ଦିବସ ପାଳନ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରିବା ପାଇଁ ଜିଲ୍ଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜ୍ୟୋତିର୍ମୟ ଭୁକ୍ତା, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶଚନ୍ଦ୍ର ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସାର୍ଥକ ରାୟ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ରୂପରେଖ ସଂପର୍କରେ ଆଲୋକପାତ କରିଥିଲେ। ଓଡିଶା ଦିବସ ପାଳନ ଅବସରରେ ଏପ୍ରିଲ୍ ୧ ତାରିଖ ପ୍ରତ୍ୟୁଷରେ ବନ୍ଦେ ଉତ୍କଳ ଜନନୀ ବନ୍ଦନା ପ୍ରଚାର, ସକାଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତଫେରୀ, ସହରରେ ଅବସ୍ଥାପିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଦରବାର ହଲଠାରେ ସାଧାରଣ ସଭା, ସ୍ଥାନୀୟ ଅଡିଟୋରିୟମରେ ସନ୍ଧ୍ୟା ୬ ସମୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ପରେ ରାଜ୍ୟ ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରଯୋଜିତ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷିତ ହେବ। ସନ୍ଧ୍ୟାରେ ସରକାରୀ କୋଠାବାଡ଼ି ତଥା ବାଣିଜ୍ୟିକ ଅନୁଷ୍ଠାନର କୋଠାବାଡିରେ ରଙ୍ଗୀନ ଆଲୋକ ସଜ୍ଜା କରିବା ପାଇଁ ଅନୁରୋଧ କରାଯାଇଛି। ଏତଦ୍ ବ୍ୟତୀତ ଓଡିଶା ଦିବସ ପାଳନ ସଂପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଓଡିଶା ଦିବସ ପାଳନକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ସ୍ୱତଃସ୍ଫୂର୍ତ୍ତ ଭାବେ ସହଯୋଗ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

## କାଠକଟାରେ ବନାଗ୍ନି ସଚେତନତା

**ଆନନ୍ଦପୁର, ୨୧।୩ ସମିସ):** ଆନନ୍ଦପୁର ବନଖଣ୍ଡ ହଦଗଡ଼ ବନାଞ୍ଚଳ କାଠକଟା ସେକ୍ସନ କାର୍ଯ୍ୟାଳୟ ପକ୍ଷରୁ କଣ୍ଟିପାଳ ଏବଂ କାଠକଟା ଅଞ୍ଚଳରେ ପାଲା ମାଧ୍ୟମରେ ବନଗ୍ନି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ବନପାଳ ଡମ୍ବରୁଧର ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡିକରେ ବସବାସ କରୁଥିବା ଗ୍ରାମବାସୀଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିବା ସହିତ ଜଙ୍ଗଲରେ ନିଆଁ ନ ଲଗାଇବା, ବନ୍ୟଜନ୍ତୁଙ୍କୁ ଶିକାର ନ କରିବା, ଜଙ୍ଗଲର ଗଛ କାଟି ନଷ୍ଟ ନ କରିବା ସହ ନୂତନ ଜଙ୍ଗଲ ରୋପଣ କରିବା ଆଦି ପାଲା ମାଧ୍ୟମରେ ବାର୍ତ୍ତା ପ୍ରଦାନ କରାଯାଇଛି। ଏଥିରେ କାଠକଟା ସେକ୍ସନର ବନପାଳ ଡମ୍ବରୁଧର ମହାନ୍ତ, ବନରକ୍ଷୀ ରଶ୍ମିରଞ୍ଜନ ରାଉତଙ୍କ ସହ ଗଜସାହି ଏବଂ ସବୁଜବାହିନୀ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ କର୍ମଶାଳା



**କେନ୍ଦୁଝର, ୨୧।୩(ସମିସ):** ସୂଚନା ଅଧିକାର ଆଇନ୍-୨୦୦୫ ଅଧିନିୟମ ୪ (୧) (ଖ) ପୂର୍ଣ୍ଣାଙ୍ଗ କାର୍ଯ୍ୟନ୍ୱୟନ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ତରଫରୁ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ, କେନ୍ଦୁଝର ଜରିଆରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଡେପୁଟି କଲେକ୍ଟର ସୁଶ୍ରୀ ଶ୍ୱେତଲିନା ସାହୁଙ୍କ ସହ ଡେପୁଟି କଲେକ୍ଟର କିରଣ କୁମାର ନାୟକ, ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକ, ସନ୍ତୋଷ କୁମାର ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଭୁବନେଶ୍ୱରରୁ ବିଷୟ ବିଶାରଦ ରଶ୍ମିରଞ୍ଜନ ରାଉତ ଯୋଗ ଦେଇଥିଲେ। ପ୍ରଶ୍ନୋତ୍ତର ଅଧିବେଶନରେ ଅଧିକାରୀମାନେ ସୂଚନା ଅଧିକାର ଆଇନ୍‌ରେ ଆବେଦନ ଗ୍ରହଣ, ଉତ୍ତର ପ୍ରଦାନ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ବନ୍ଧରେ ପ୍ରଶ୍ନ ପଚାରିଥିଲେ। ଜିଲ୍ଲାର ବିଭିନ୍ନ ବିଭାଗ କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷ, ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ପରିଚାଳନା କରିଥିଲେ।

### ଶୁଣୁନି ପ୍ରଶାସନ, ଠିକାସଂସ୍ଥା ନିଦାବିଷ୍ଟ

# ଖାଲଖମା ସର୍ଭିସ୍ ରୋଡ୍‌ରେ ଯାତ୍ରୀ ହୀନସ୍ତା

**ଆନନ୍ଦପୁର, ୨୧।୩(ସମିସ)**

୨୦ନଂ ଜାତୀୟ ରାଜପଥର ଶାଳପଡାଠାରେ ଅଣ୍ଡରପାସ୍ ନିର୍ମାଣ କାର୍ଯ୍ୟ ଯୋଗୁଁ ରାସ୍ତା ବନ୍ଦ ହୋଇଯାଇଛି। ଦୁଇପାଶ୍ୱର୍ର ସର୍ଭିସ ରୋଡ୍‌ରେ ସମସ୍ତ ଯାନବାହନ ଚଳାଚଳ କରୁଥିବା ବେଳେ ଲୁହାପଥର ବୋଝେଇ ଟ୍ରକ୍ ଚଳାଚଳ ଯୋଗୁଁ ଦୁଇପାଶ୍ୱର୍ର ସର୍ଭିସ ରୋଡ ଖାଲଖମାରେ ପରିଣତ ହେଲାଣି। ବଡ ବଡ ଗାଡ ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ସବୁ ସମୟରେ ଟ୍ରାଫିକ୍ ସମସ୍ୟା ଉତ୍କଟ ହେବା ସହ ଲୋକମାନେ ଏଥିରେ ଅତିଷ୍ଠ ହୋଇପଡିଲେଣି। ଏପରି ପରିସ୍ଥିତି ଓ ସମାଧାନ ପାଇଁ ପ୍ରଶାସନ ଦୃଷ୍ଟି ଦେଇ ନଥିବା ବେଳେ ନିର୍ମାଣକାରୀ ଠିକାସଂସ୍ଥା ନିଦାବିଷ୍ଟ ପାଲଟିଛି। ସୁଢୁସୁଡିଆ ବାଇପାସ୍‌ରେ ଚାରିପଟ ରାସ୍ତାରୁ ସଂଯୋଗୀକରଣ ହେଉଥିବାରୁ ଟ୍ରାଫିକ୍ ସମସ୍ୟା ବଳେଇ ପଡିଲାଣି। ଏଠାରେ ୨୪ ଘଣ୍ଟିଆ ଟ୍ରାଫିକ୍ ପୁଲିସ ବ୍ୟବସ୍ଥା ସହିତ ନିର୍ମାଣକାରୀ ଠିକାସଂସ୍ଥା ତରଫରୁ କର୍ମଚାରୀ ନିଯୁକ୍ତି ଜରୁରୀ ହୋଇପଡିଛି। ପହରା ଦାୟିତ୍ୱରେ ଥିବା ଠିକା ସଂସ୍ଥାର ଅହେତୁକ ବିଳମ୍ବ ଏଭଳି ପରିସ୍ଥିତି ସୃଷ୍ଟି କରିଛି। ନିର୍ମାଣ କାର୍ଯ୍ୟକୁ ନେଇ ଜାତୀୟ ରାଜପଥର ଗୋଟିଏ ପାଶ୍ୱର୍ ଯାନବାହନ ଯାତାୟତ ବାଧାପ୍ରାପ୍ତ ହୋଇଥିବା ବେଳେ ଯାନବାହନଗୁଡିକ ଶାଳପଡା ବାଇପାସ୍ ଦେଇ ରହିଥିବା ସର୍ଭିସ ରୋଡ ଉପରେ ନିର୍ଭର କରୁଛନ୍ତି। ସର୍ଭିସ ରୋଡରେ ଲୁହାପଥର ବୋଝେଇ ଭାରୀଯାନ ଯାତାୟାତ ଦ୍ୱାରା ସର୍ଭିସ ରୋଡ୍ ଶୋଚନୀୟ ହୋଇପଡିଛି। ସର୍ଭିସ ରୋଡରେ ବଡ ଖାଲଖମାରେ ପରିଣତ ହୋଇଛି। ଏହି ରାସ୍ତା ଉପରେ ନିର୍ଭର ସାଧାରଣ ଯାତାୟାତ ସେବା ବହୁଳ ମାତ୍ରାରେ ପ୍ରଭାବିତ ହେଉଛି। ଗୋଟିଏ ପାଶ୍ୱର୍ରେ ଠିକା ସଂସ୍ଥା ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ କର୍ମଚାରୀ ନିୟୋଜନ କରୁ ନଥିବାରୁ ଯାତାୟାତ ପ୍ରଭାବିତ ମଧ୍ୟ ହେଉଛି। ଜରୁରିକାଳୀନ ସେବା ପାଇଁ ଶାଳପଡା ବାଇପାସ୍ ଦେଇ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଯିବା ଆସିବାରେ ବାଧା ସୃଷ୍ଟି ହେଉଛି। ଟ୍ରାଫିକ ନିୟନ୍ତ୍ରଣ ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସମସ୍ୟାର ସୁଧାର ଆସିପାରି ନାହିଁ। ଅନ୍ୟପକ୍ଷରେ ଖାଲଖମାମୟ ସର୍ଭିସ ରୋଡର ମରାମତି ଦିଗରେ ମଧ୍ୟ ଠିକା ସଂସ୍ଥା ଆଦୌ ଦୃଷ୍ଟି ଦେଉନି। ଫଳରେ ଦୈନିକ ସାଂଘାତିକ ଦୁର୍ଘଟଣାର ଶିକାର ହେଉଛନ୍ତି ଯାତ୍ରୀ। ଜାତୀୟ ରାଜପଥର ପୂର୍ଣ୍ଣାଙ୍ଗ ରୂପରେଖ ହେବା ପର୍ଯ୍ୟନ୍ତ ସର୍ଭିସ୍ ରୋଡ୍ ମରାମତିଠାରୁ ଆରମ୍ଭ କରି ଟ୍ରାଫିକ୍ ସମସ୍ୟା ଦୂର କରିବା ପାଇଁ ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ଦୃଷ୍ଟି ଦେବାକୁ ଦାବି ହୋଇଛି।



**କାଳବୈଶାଖୀର ତାଣ୍ଡବ**

# ଦୋକାନରେ ପଶିଲା ଡ୍ରେନ୍ ପାଣି

**ଚମ୍ପୁଆ, ୨୧।୩(ସମିସ)**



ଚମ୍ପୁଆ ସଦର ମହକୁମାରେ ଆଜି ଅପରାହ୍ନରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା। ପ୍ରାୟ ୪୫ ମିନିଟ ଧରି ପବନ ବର୍ଷା ସାଙ୍ଗକୁ କୁଆପଥର ମାଡ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇବା ସହିତ ବିଭିନ୍ନ ଚାଷ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ଦିନ ୩.୩୦ ମିନିଟ ସମୟରେ କାଳବୈଶାଖୀର ତାଣ୍ଡବ ଆରମ୍ଭ ହୋଇଥିଲା। ପ୍ରବଳ ବେଗରେ ପବନ ବହିବା ସହିତ ବର୍ଷା ସାଙ୍ଗକୁ କୁଆପଥର ମାଡ ହୋଇଥିଲା। ବର୍ଷା ଫଳରେ ବସଷ୍ଟାଣ୍ଡ ନିକଟବର୍ତ୍ତୀ ଦୋକାନ ଗୃହ ଗୁଡିକରେ ଡ୍ରେନର ଆବର୍ଜନା ସହିତ ଡ୍ରେନ ପାଣି ପଶିଯାଇଥିଲା। ଫଳରେ ଦୋକାନୀମାନେ ନାନା ହିନସ୍ତାର ସମ୍ମୁଖୀନ ହେବା ସହିତ ଜେସିବି ମେସିନ ଦ୍ୱାରା ଜଳ ନିଷ୍କାସନର ବ୍ୟବସ୍ଥା କରାଯାଇଥିଲା। ସେହିପରି କୁଆପଥର ମାଡ ଯୋଗୁଁ ଗଛଗୁଡିକରେ ପତ୍ର ଝଡି ଯାଇଥିବା ବେଳେ ବିଶେଷ ଭାବରେ ଆମ୍ବ ଓ ସୂର୍ଯ୍ୟମୁଖୀ ଚାଷ ପ୍ରଭାବିତ ହୋଇଛି। ଏପରିକି ତଳ ଅଞ୍ଚଳଗୁଡିକରେ କୃତ୍ରିମ ବନ୍ୟା ପରିସ୍ଥିତି ଉପୁଜିଥିଲା।

# କୁଆପଥର ବୃଷ୍ଟି, ଗଛ ପଡ଼ି ରାସ୍ତା ଅବରୋଧ



**ତେଲକୋଇ, ୨୧।୩(ସମିସ):** ତେଲକୋଇ ଅଞ୍ଚଳରେ ଅପରାହ୍ନରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ବର୍ଷାପବନ ସାଙ୍ଗକୁ ଘଡ଼ଘଡି ଏବଂ କୁଆପଥର ବୃଷ୍ଟି ହୋଇଛି। କେତେକ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିବା ଜଣାପଡ଼ିଛି। କୁଆପଥର ବୃଷ୍ଟି ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ତରଭୁଜ ଚାଷ ବ୍ୟାପକ କ୍ଷତି ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ତେଲକୋଇ ଜଗମୋହନପୁର ରାସ୍ତା ସମେତ ଗୋଳାବନ୍ଧ-କୁନ୍ତଳା ପୂର୍ତ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିବା ବେଳେ ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତା ଅବରୋଧ ହଟାଇଛନ୍ତି। ସନ୍ଧ୍ୟା ପରେ ପୁନର୍ବାର କାଳବୈଶାଖୀ ଲେଉଟିଛି। ଘଡଘଡି ସାଙ୍ଗକୁ ଝିପିଝିପି ବର୍ଷା ଆରମ୍ଭ ହୋଇଯାଇଛି।

**● ଘର ସମ୍ମୁଖରେ ଆକ୍ରମଣ ଘଟଣା**

# ଶଳା-ଭିଣୋଇ ଗିରଫ

ଡୁରୁମୁଙ୍ଗା, ୨୧।୩(ସମିସ): କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ଥାନା ଡେଣୁଆଁ ଗ୍ରାମର ରାଜା କମାରଙ୍କ ଘର ସମ୍ମୁଖରୁ ଗୁରୁବାର ସନ୍ଧ୍ୟାରେ ଟାଙ୍ଗରପଡା ପଞ୍ଚାୟତ ଗାଲଫୁଲା ଗ୍ରାମର କୁଶ ନାଏକଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗୁରୁତର ଅବସ୍ଥାରେ ଡୁରୁମୁଙ୍ଗା ପୁଲିସ ଉଦ୍ଧାର କରିଥିଲା। କୁଶ ବର୍ତ୍ତମାନ କଟକରେ ଚିକିତ୍ସାଧୀନ ଥିଲା ବେଳେ ତାଙ୍କୁ ଆକ୍ରମଣ ଅଭିଯୋଗରେ ଶଳା ଓ ଭିଣୋଇ ଗିରଫ ହୋଇଛନ୍ତି। ଡେଣୁଆ ଗ୍ରାମର ରାଜା କମାର (୧୯) ଏବଂ ଭିଣୋଇ ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ପାଟପୁର ହୁଡ଼ି ସାହିର ମନୋଜ କୁମାର ମହାନ୍ତ(୨୪)ଙ୍କୁ ପୁଲିସ ମାମଲା ରୁଜୁ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ ଘଟଣାର ତଦନ୍ତ କରୁଛନ୍ତି।

# କନକଲତା ରଣାଙ୍କ ପରଲୋକ



**ଆନନ୍ଦପୁର, ୨୧।୩(ସମିସ):** ଦେଓଗାଁ ପଞ୍ଚାୟତର ହାତିଶୀଳା ନିବାସୀ ତଥା ଆନନ୍ଦପୁର ମହାବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି ରାଧାଶ୍ୟାମ ରଣାଙ୍କ ପତ୍ନୀ କନକଲତା ରଣାଙ୍କ ପରଲୋକ ହୋଇଯାଇଛି। ସେ ଆଜକୁ କିଛିଦିନ ହେବ ଅସୁସ୍ଥ ହୋଇ ଘରୋଇ ଭାବେ ଚିକିତ୍ସିତ ହେଉଥିଲେ। ରୋଷେଇ ଘରକୁ ଯାଉଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ଆନନ୍ଦପୁର ଡାକ୍ତରଖାନାକୁ ନିଆଯାଉଥିବା ବେଳେ ପରଲୋକ ହୋଇଯାଉଥିଲା। ଆଖପାଖ ଅଞ୍ଚଳର ବିଶିଷ୍ଟ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ହାତିଶୀଳା ବାସଭବନରେ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଡ. ଶମ୍ଭୁନାଥ ରାଉତ, ବିଚିତ୍ର କୁମାର ଚକ୍ର, ପ୍ରଣବ ପୁହାଣ, ଦିଲୀପ ଜେନା, ଭଗବାନ ମହାରଣା, ଦୀପକ ଜେନା, ଅନାଦି ସାହୁ, ଅମୀୟ ଚକ୍ର, ପ୍ରଦୀପ ପଣ୍ଡା, ସରପଞ୍ଚ ସତ୍ୟରଂଜନ ଭୂୟାଁ, ବିଜେଡି ନେତା ଦେବାଶିଷ ପାତ୍ର, ପୂର୍ବତନ ସରପଞ୍ଚ ପରେଶ କୁଅଁର ପ୍ରମୁଖ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

# ଆନନ୍ଦପୁର ପାକ୍ସ ସଂପାଦକଙ୍କ ବିୟୋଗ



**ଆନନ୍ଦପୁର, ୨୧।୩(ସମିସ):** ଆନନ୍ଦପୁର ସେବା ସମବାୟ ସମିତି (ପାକ୍ସ)ର ସଂପାଦକ ଦିବାକର ଖଟୁଆ (୫୫)ଙ୍କ ଅପରାହ୍ଣ ସମୟରେ ବିୟୋଗ ଘଟିଛି। ସ୍ୱର୍ଗତ ଖଟୁଆ ଆନନ୍ଦପୁର ପୌର ପରିଷଦ ଅନ୍ତର୍ଗତ ୨ନଂ ଓାର୍ଡ ପଦ୍ମପୁର ଗ୍ରାମ ପଣ୍ଡା ସାହିର ବାସିନ୍ଦା। ସେ ଆନନ୍ଦପୁର ସେବା ସମବାୟ ସମିତିରେ ସଂପାଦକ ଭାବେ ଦୀର୍ଘ ବର୍ଷ ଧରି ସୁଚାରୁରୂପେ ଦାୟିତ୍ୱ ତୁଲାଇ ଆସୁଥିବା ବେଳେ ଜଣେ ଶାନ୍ତ ସରଳ, ଧର୍ମପରାୟଣ ଓ ପରୋପକାରୀ ବ୍ୟକ୍ତି ଥିଲେ। କିଛି ମାସ ଧରି କର୍କଟ ରୋଗରେ ପୀଡିତ ଥିବା ବେଳେ ଗୁରୁବାର ଭୁବନେଶ୍ୱର ଏକ ଘରୋଇ ଚିକିତ୍ସାଳୟରୁ ନିଜ ଗ୍ରାମକୁ ଫେରିଥିଲେ। ଆନନ୍ଦପୁର ପାକ୍ସ ସଭାପତି ସୁଶୀଳ କୁମାର ହୋତା, ଆନନ୍ଦପୁର କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳକ ବିଶ୍ୱଜିତ ବିଶ୍ୱାଳ, ବାଉଁଶଗଡ ପାକ୍ସ ସଂପାଦକ ଶରତ ବେହେରା, କୋଡପଡା ସଂପାଦକ ଚିନ୍ତାମଣି ବେହେରା, ମରେଗାଁ ସଂପାଦକ ଶରତ ସେଠୀ, ଶୈଳଙ୍ଗ ସଂପାଦକ ଅଭିମନ୍ୟୁ ପତି, ଗୟଳମୁଣ୍ଡା ସଭାପତି ରଶ୍ମିରଂଜନ ମିଶ୍ର, କର୍ମଚାରୀ ସଂଜୀବ ସିଂଙ୍କ ସହ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ, ପୁତ୍ର, କନ୍ୟାଙ୍କ ସମେତ ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

# ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ଅବସରପ୍ରାପ୍ତ ଶିକ୍ଷକ-କର୍ମଚାରୀ ସଂଘର ଆଲୋଚନା

କେନ୍ଦୁଝର, ୨୧।୩(ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ କେନ୍ଦୁଝରର ଏକ ବୈଠକ ଶିକ୍ଷକ ଭବନ କେନ୍ଦୁଝରଠାରେ କାର୍ଯ୍ୟକାରୀ ସଭାପତି ଚିନ୍ତାମଣି ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଅଜୟ ପାତ୍ର, ଚିନ୍ତାମଣି ପଣ୍ଡା ଓ ପ୍ରକାଶ ନାୟକ ଯୋଗଦାନ କରିଥିଲେ। ସଂଘର ସଂପାଦକ ରବୀନ୍ଦ୍ର ପଣ୍ଡା ସଂଘର ବହୁବିଧ ସମସ୍ୟା ଉପରେ ଆଲୋକପାତ କରି ଏହାର ସମାଧାନ ପାଇଁ ନିବେଦନ କରିଥିଲେ। ସଭାକୁ ଜିଲ୍ଲା ସଂଯୋଜକ କ୍ଷୀରୋଦ ରାଉତ ସଞ୍ଚାଳନା କରିଥିବାବେଳେ କୋଷାଧ୍ୟକ୍ଷ ମଦନ ମୋହନ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ। ଓଷ୍ଟା କେନ୍ଦୁଝରର ସଂପାଦକ ପ୍ରଶାନ୍ତ ମିଶ୍ର, ବ୍ଲକ ସଂଯୋଜକ ନଳିନୀଚନ୍ଦ୍ର ଘଣା, ବଳରାମ ରାଉତ, ରବିନାରାୟଣ ସାହୁ, କାଶିନାଥ ମହାନ୍ତ, ଲମ୍ବୋଦର ମହାନ୍ତ, ଦିଗାମ୍ବର ଗିରି, ସୁଶୀଳ ନାୟକ, ସ୍ୱପ୍ନେଶ୍ୱର ସାହୁ, ଶାନ୍ତନୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସିଡିପିଓ, ସୁପରଭାଇଜରଙ୍କୁ ଶିଶୁ ସୁରକ୍ଷା ପ୍ରଶିକ୍ଷଣ

**କେନ୍ଦୁଝର, ୨୧।୩(ସମିସ):** ଶୁକ୍ରବାର ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ କେନ୍ଦୁଝର ଆନୁକୂଲ୍ୟରେ ମିଶନ ଶକ୍ତି ଭବନ, କାଶୀପୁର କେନ୍ଦୁଝରଠାରେ ସିଡିପିଓ ଏବଂ ସୁପରଭାଇଜରଙ୍କ ଦିନିକିଆ ଶିଶୁ ଅଧିକାର ସୁରକ୍ଷା ବିଷୟରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ନିରୁପମା ସାହୁ ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ମନ୍ଦର ଧର ମହାଲିକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ସିଡବ୍ଲୁସି ଅଧ୍ୟକ୍ଷ ଡ. ବିଭୁତି ଭୂଷଣ ଦାସ, କେନ୍ଦୁଝର ଶିଶୁ ଅଧିକାର ସୁରକ୍ଷା ପରିଷଦ, ଆବାହକ, କେନ୍ଦୁଝର ନାଗରିକ ମଞ୍ଚ ସଦସ୍ୟ ତଥା ବରିଷ୍ଠ ପ୍ରଶିକ୍ଷକ ଭକ୍ତବତ୍ସଳ ମହାନ୍ତି ବିଷୟଭିତ୍ତିକ ଆଲୋଚନା କରିବା ସହ ଆବଶ୍ୟକ ତାଲିମ ଦେଇଥିଲେ। ପ୍ରକଳ୍ପ କେନ୍ଦୁଝର ସଂଯୋଜକ ସରୋଜ ପଟ୍ଟନାୟକ ଶିଶୁ ଅଧିକାର, ବାଲ୍ୟ ବିବାହ ନିଷେଧ ଆଇନ, ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା ଅଧିନିୟମ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ମିତା ନାୟକ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇଥିଲେ। ସ୍ନେହଲତା ସାହୁ, ଝରଣା ଦାସ, ଡିସିପିଓ ୟୁନିଟର ସମସ୍ତ କର୍ମକର୍ତ୍ତା, ଚାଇଲ୍ଡ ହେଲପଲାଇନ କର୍ମକର୍ତ୍ତା ସହଯୋଗ କରିଥିଲେ। ସମସ୍ତ ସିଡିପିଓ ଏବଂ ୫୦ ଜଣ ସୁପରଭାଇଜର ଯୋଗ ଦେଇଥିଲେ।

# ଆଞ୍ଚଳିକ ପ୍ରଶିକ୍ଷଣ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ଆନନ୍ଦପୁର, ୨୧।୩(ସମିସ):** ଆନନ୍ଦପୁର ଆଞ୍ଚଳିକ ପ୍ରଶିକ୍ଷଣ ମହାବିଦ୍ୟାଳୟ (ବିଇଡି)ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. କାମିନୀ କାଜଲ ରାମ୍ ଉଦଘାଟନ କରିଥିଲେ। ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ମୁଖ୍ୟଅତିଥି, ପ୍ରବଚକ ପଣ୍ଡିତ ଜିତୁ ଦାଶ ମୁଖ୍ୟବକ୍ତା, କଳିଙ୍ଗା ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ମନ୍ୱେଧନ୍ଦ୍ୱ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ପ୍ରାଧ୍ୟାପକ ରାଜକିଶୋର ସାମଲ ଅତିଥି ପରିଚୟ ଦେଇଥିଲେ। ଶେଷରେ ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ନାଟ୍ୟ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶନା ଓ ଦୁର୍ଯ୍ୟୋଧନ ମହାକୁଡଙ୍କ ରଚନାରେ ନାଟକ ଅଦିନ ଝଡ ପ୍ରଦର୍ଶିତ ହୋଇଥିଲା। ପ୍ରାଧ୍ୟାପକ ରାଜକିଶୋର ସାମଲ, ଦୁର୍ଯ୍ୟୋଧନ ମହାକୁଡ, ଡ. ପ୍ରଭାତ କୁମାର ସାହୁ, ରଂଜନ କୁମାର ସାହୁ, ରାଜେଶ କୁମାର ମହାନ୍ତ, ବୁଦ୍ଧଦେବ ବେହେରା, ସକ୍ରେଟିସ୍ ମହାପାତ୍ର, ଅରବିନ୍ଦ ଦାସ, ହୃଷିକେଶ ବେହେରା, ବିଜୟ ନାଥ, ପ୍ରାଧ୍ୟାପିକା ଡ. ସବିତା ଜେନା, ଡ. ମାୟାବିନୀ ଦାସ, ସୁଚେତା ଶତପଥୀ, କର୍ମଚାରୀ ସରୋଜ ପଣ୍ଡା, ଅରବିନ୍ଦ ପ୍ରଧାନ, ଅଭୟ ମୁଦୁଲୀ, ସଂଗୀତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ର ପରିଷଦ ସଭାପତି ଚନ୍ଦନ କୁମାର ଚିନ୍ନାରା, ସାଧାରଣ ସଂପାଦକ ସୋନାଲି ସ୍ୱାଇଁ, ଅବିନାଶ ପରିଡା, ଲୋକନାଥ ମହାନ୍ତ, ହୃଷିକେଶ ବାରିକ, ତବାସୁମ୍ ଆରଫିର୍ଦ୍ଦୋଶ, ମାନସ ବେହେରା, ମଧୁସ୍ମିତା ସାହୁ, ମୋନାଲିସା ଗିରି, ବାଗ୍ମୀ ଦାସ, ସାରଦା ପ୍ରସନ୍ନ ପରିଡା, ତାପସ କୁମାର ବେହେରା ସହଯୋଗ କରିଥିଲେ।

# କୁଡୁମି ଯୋଦ୍ଧା ସହିଦ ରଘୁନାଥ ମହାନ୍ତଙ୍କ ଜୟନ୍ତୀ



**ଡୁରୁମୁଙ୍ଗା, ୨୧।୩(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଚେମଣା ପଞ୍ଚାୟତ ଚିଲିଦା ଗ୍ରାମର କଲେଜ ପଡିଆସ୍ଥିତ କୁଡୁମି ସମାଜ ଗୋଷ୍ଠୀ କେନ୍ଦ୍ରଠାରେ କୁଡୁମି ଯୋଦ୍ଧା ସହିଦ ରଘୁନାଥ ମହାନ୍ତଙ୍କ ଜୟନ୍ତୀ ପାଳିତ ହୋଇଛି। ଓଡିଶା କୁଡୁମି ସେନା ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତଙ୍କ ଆବାହନରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶା କୁଡୁମି ସେନା କୋଷାଧ୍ୟକ୍ଷ ତଥା ଗଣମାଧ୍ୟମ ମୁଖପାତ୍ର ଲମ୍ବୋଦର ମହାନ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଲାଲମୋହନ ମହାନ୍ତ, ଓଡିଶା କୁଡୁମି ସେନା ଯୁବ ସମ୍ପାଦକ ବିଶ୍ୱଜିତ ମହାନ୍ତ, ଜିଲ୍ଲା ସଭାପତି ତ୍ରିଲୋଚନ ମହାନ୍ତ, ସଂସ୍କୃତି ବିଶାରଦ ନବକିଶୋର ମହାନ୍ତ, ଉପଦେଷ୍ଟା ହରିହର ମହାନ୍ତ, ବିନୋଦ ମହାନ୍ତ, ଭୈରବ ମହାନ୍ତ, ରତ୍ନାକର ମହାନ୍ତ, ଶରତ ମହାନ୍ତ, ନିରଞ୍ଜନ ମହାନ୍ତ, ପଦ୍ମଲୋଚନ ମହାନ୍ତ, ଅଭିମନ୍ୟୁ ମହାନ୍ତ କର୍ମକର୍ତ୍ତାଙ୍କୁ ସହିଦଙ୍କ ବୀର ଗାଥା ବିଷୟରେ ଉଦବୋଧନ ଦେବା ସହିତ ଇତିହାସ ପୃଷ୍ଠାରେ ନାମ ନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ସଭାରମ୍ଭ ପୂର୍ବରୁ ନୂତନଭାବେ ନିର୍ମିତ କୁଡୁମି ସମାଜ ଗୋଷ୍ଠୀ କେନ୍ଦ୍ରକୁ ଉଦଘାଟନ କରାଯାଇଥିଲା। ଆଞ୍ଚଳିକ କର୍ମକର୍ତ୍ତା ଅଜିତ କୁମାର ମହାନ୍ତ, ଶାନ୍ତନୁ କୁମାର ମହାନ୍ତ, ନାଏବ ସରପଞ୍ଚ ନଳିନୀ ମହାନ୍ତ, ଗୌରାଙ୍ଗ ମହାନ୍ତ, ରବି ମହାନ୍ତ, ଅଜିତ କୁମାର ମହାନ୍ତ, ଦୁର୍ଯ୍ୟୋଧନ ମହାନ୍ତ, ଖଗେଶ୍ୱର ମହାନ୍ତ, ମୋହନ ଚରଣ ମହାନ୍ତ, ହରେକୃଷ୍ଣ ମହାନ୍ତ, ଭରତଚନ୍ଦ୍ର ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ। କୁଡୁମି ସମ୍ପ୍ରଦାୟର ଦୀର୍ଘ ଦିନର ଦାବି ଆଦିବାସୀ ତାଲିକାଭୁକ୍ତ, କୁଡୁମାଲୀ ଭାଷାକୁ ଅଷ୍ଟମ ପରିଚ୍ଛେଦର ସାମିଲ ତଥା କୁଡୁମି ବିକାଶ ଗଠନ ଦିଗରେ ଧ୍ୟାନ ଦେବାକୁ ଦାବି କରାଯାଇଛି।

# କେନ୍ଦୁଝରରେ ଯୋଗ ପ୍ରଶିକ୍ଷଣ ସତ୍ର



**କେନ୍ଦୁଝର, ୨୧।୩(ସମିସ):** ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, କେନ୍ଦୁଝର ଶାଖା ତଥା ତୈଳିକ ସମାଜ ମିଳିତ ସହଯୋଗରେ ଚଳିତ ୧୬ ତାରିଖଠାରୁ ୨୧ ତାରିଖ ପର୍ଯ୍ୟନ୍ତ ଷଡଦିବସୀୟ ଯୋଗ ପ୍ରଶିକ୍ଷଣ ସତ୍ର ତୈଳିକ ସମାଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମାପନ ଦିବସରେ ବିଶିଷ୍ଟ ସମାଜସେବୀ ତଥା କେନ୍ଦୁଝର ଯାନ୍ତ୍ରିକ ବିଦ୍ୟାଳୟର ପ୍ରତିଷ୍ଠାତା ଓ ତୈଳିକ ସମାଜର ଉପଦେଷ୍ଟା ଇଂ ବସନ୍ତ କୁମାର ଦାନୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ତଥା ତୈଳିକ ସମାଜ କୋଷାଧ୍ୟକ୍ଷ ମାୟାଧର ସାହୁ, ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, କେନ୍ଦୁଝର ଶାଖା ପୂର୍ବତନ ସଞ୍ଚାଳକ ଡା ବିମଳ ରାଉତ, ଓଡ଼ିଶା ଓ ତେଲୁଗୁ ପ୍ରାନ୍ତର ସଂଗଠକ ରବି ନାଇଡୁ ଯୋଗ ଦେଇଥିଲେ। କେନ୍ଦ୍ର ସଞ୍ଚାଳକ ଇଂ ସନ୍ତୋଷ କୁମାର ନନ୍ଦ ପରିଚାଳନା କରିଥିଲା ବେଳେ ପଣ୍ଡିତ ମଧୁସୂଦନ ମିଶ୍ର ଧନ୍ୟବାଦ ଦେଇଥିଲେ। ପ୍ରଭାକର ବେହେରା, କ୍ଷୀରୋଦ ଘଡ଼େଇ, କ୍ରିଷ୍ଣେନ୍ଦୁ ପଟ୍ଟନାୟକ, ପ୍ରକାଶ ଆଚାର୍ଯ୍ୟ, ସତ୍ୟନାରାୟଣ ସାହୁ, ଧଳଭାଇ, ସତ୍ୟ ଭାଇ, ମହାରଣା ଭାଇ, ରାମଭାଇ, ଅକ୍ଷୟ ଭାଇ ବୀରେନ୍ଦ୍ର ଭାଇ, ପରିଡ଼ା ଭାଇ, ରାଉତ ଭାଇ, ପ୍ରମିଳା ଭଉଣୀ ସହଯୋଗ କରିଥିଲେ।

# କ୍ରିକେଟ୍ ଖେଳକୁ ମାର୍‌ପିଟ୍; ଦୁଇ ଆହତ



**ରାମଚନ୍ଦ୍ରପୁର,୨୧।୩(ସମିସ):** ଗାଁ ରାସ୍ତାରେ କ୍ରିକେଟ ଖେଳକୁ ନେଇ ମାର୍‌ପିଟ୍ ହୋଇଛି। ଏଥିରେ ଦୁଇ ଜଣ ଆହତ ହୋଇ ସାଇଁକୁଳ ସିଏଚ୍‌ସିରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ, ରାମଚନ୍ଦ୍ରପୁର ଥାନା ନହଙ୍ଗି ଗାଁ ରାସ୍ତାରେ ବିଜୟ ସ୍ୱାଇଁ (୧୯) ସାଥୀ ପିଲାଙ୍କ ସହ କ୍ରିକେଟ ଖେଳୁଥିଲା। କ୍ରିକେଟ ବଲ ଯାଇ ପଡୋଶୀ ଗୋପାଳ ରାଉତ (୫୮)ଙ୍କ ବାଡିରେ ପଡିଥିଲା। ବଲ ଗୋଟାଇ ଆଣିବାକୁ ଯିବା ବେଳେ ଗୋପାଳ ଏବଂ ବିଜୟ ମଧ୍ୟରେ ଏନେଇ କଥା କଟାକଟି ହୋଇଥିଲା। ବିଜୟ ଉପରକୁ ଗୋପାଳ ଢେଲା ଫୋପାଡ଼ିଥିଲା। ବିଜୟଙ୍କ ମୁଣ୍ଡ ଫାଟି ଯାଇଥିଲା। ସଙ୍ଗେସଙ୍ଗେ ବିଜୟ ଧରିଥିବା କ୍ରିକେଟ ବ୍ୟାଟରେ ଗୋପାଳକୁ ପ୍ରତି ଆକ୍ରମଣ କରିଥିଲା। ପରେ ଆହାତଅବସ୍ଥାରେଦୁହିଁଙ୍କୁସାଇଁକୁଳଗୋଷ୍ଠିସ୍ୱାସ୍ଥ୍ୟକେନ୍ଦ୍ରରେଭର୍ତ୍ତିକରାଯାଇଛି।ରାମଚନ୍ଦ୍ରପୁରଥାନାରେଉଭୟପକ୍ଷରୁମାମଲାରୁଜୁହୋଇଛି।

# ଅଙ୍ଗନବାଡ଼ି କର୍ମୀଙ୍କ ତାଲିମ କାର୍ଯ୍ୟକ୍ରମ



**ତେଲକୋଇ, ୨୧।୩(ସମିସ):** ପ୍ରାକ୍-ବିଦ୍ୟାଳୟ ଶିକ୍ଷାକୁ ଅଙ୍ଗନବାଡ଼ି କେନ୍ଦ୍ରରେ ସୁସଂଗଠିତ ଭାବେ ନିର୍ବାହ କରିବା ନିମନ୍ତେ ତିନିଦିନିଆ ତାଲିମ କାର୍ଯ୍ୟକ୍ରମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ୟୁଏସି ଓ ସର୍ବଭାରତୀୟ ଅନୁଷ୍ଠାନ ଆଇଏଲପି ଦ୍ୱାରା ୟୁଏସି ଅନୁଷ୍ଠାନ ତେଲକୋଇଠାରେ ଅନୁଷ୍ଠିତ ହୋଇଯାଇଛି। ତେଲକୋଇ ବ୍ଲକର ପାଞ୍ଚଟି ପଞ୍ଚାୟତ ଯଥା ଖୁଣ୍ଟାପଡା, କରଦାଙ୍ଗୀ, ଦେଉଳଡିହା, ତାଳପଦା ଓ ପଡାଙ୍ଗର ୩୩ ଜଣ ଅଙ୍ଗନବାଡ଼ି କର୍ମୀ ଓ ସଙ୍ଗଠନର ୧୫ ଜଣ କର୍ମୀ ଅଂଶଗ୍ରହଣ କରିଥିଲେ। ତାଲିମ କାର୍ଯ୍ୟକ୍ରମକୁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସୀମା ଦାସ, ସାଂସଦଙ୍କ ପ୍ରତିନିଧି ହରିହର ପ୍ରଧାନ ଓ ୟୁଏସି ସଙ୍ଗଠନର ସମ୍ପାଦକ ନିମାଇଁ ନାରାୟଣ ଶତପଥୀ ଓ କର୍ମୀଙ୍କ ପ୍ରତିନିଧି ମିଳିତ ଭାବେ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ସୀମା ଦାସ ଦକ୍ଷତା ବିକାଶ କରିବା ସହ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ହରିହର ପ୍ରଧାନ, କାର୍ଯ୍ୟକ୍ରମର ଆବାହକ ତଥା ସଙ୍ଗଠନର ସମ୍ପାଦକ ନିମାଇଁ ନାରାୟଣ ଶତପଥୀଙ୍କ ସହ ତାଲିମଦାତ୍ରୀ ବାସନ୍ତୀ ନାୟକ, ସଞ୍ଜୁଲତା ସାହୁ, ଧନେଶ୍ୱରୀ ସାହୁ, ଭୁଲେଶ୍ୱରୀ ସାହୁ, ସଂଗୀତା ନାୟକ ପ୍ରମୁଖ ଆବଶ୍ୟକ ଦିଗଦର୍ଶନ ଦେଇଥିଲେ। ୟୁଏସିର କ୍ଷେତ୍ରୀୟ ସଂଯୋଜକ ଅଶୋକ କୁମାର ମହାନ୍ତ, ଶିବବ୍ରତ ଦାସ, ମନୋଜ କୁମାର ପ୍ରଧାନ ଓ ଅନ୍ୟ ଷ୍ଟାଫ ଧିରେନ୍ କୁମାର ମହାନ୍ତ, ସୋମନାଥ ସାହୁ, କୃପାସିନ୍ଧୁ ପେଣ୍ଟେଇ, ସ୍ମିତାରାଣୀ ପହି ଓ ଯଶୋଦା ନାୟକ ସହଯୋଗ କରିଥିଲେ।

# କେନ୍ଦ୍ରମନ୍ତ୍ରୀଙ୍କୁ ଖଣି ଅଞ୍ଚଳର ସମସ୍ୟା ଜଣାଇଲେ ସାଂସଦ

**ବଡବିଲ, ୨୧।୩(ସମିସ)**



କେନ୍ଦୁଝର ଜିଲ୍ଲା ଖଣି ଅଞ୍ଚଳକୁ ପଶ୍ଚିମବଙ୍ଗର ହାଓ୍ୱଡ଼ାରୁ ଜନଶତାବ୍ଦୀ ଦ୍ରୁତଗାମୀ ରେଳ ଚଳାଚଳରେ ବିଗତ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ଘୋର ଅନିୟମିତତା ଦେଖିବାକୁ ମିଳୁଛି। କେନ୍ଦୁଝର ଲୋକସଭା ସାଂସଦ ଅନନ୍ତ ନାଏକ ଓ ସାଂସଦ ପ୍ରତିନିଧି ନୀଳମଣି ମହାନ୍ତ କେନ୍ଦ୍ର ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଏହି ରେଳ ଚଳାଚଳକୁ ନିୟମିତ କରିବା ପାଇଁ ଦାବି କରିଛନ୍ତି। ୨୦୦୩ରେ ଆରମ୍ଭ ହୋଇଥିବା ଏହି ରେଳସେବା ଗୋଟିଏ ଦିନରେ ଏହା ହାଓ୍ୱଡ଼ାରୁ ଆସି ପୁଣି ବଡବିଲରୁ ଫେରୁଥାଏ। ହାଓ୍ୱଡ଼ା ଷ୍ଟେସନରୁ ଏହା ସକାଳ ୬ଟାରେ ବାହାରି ଅପରାହ୍ନ ୨ଟା ସମୟରେ ଏଠାରୁ ଫେରିଥାଏ। ଗତ ପ୍ରାୟ ୧୫ ଦିନ ହେବ ଏହି ଟ୍ରେନଟି ବଡବିଲ ଷ୍ଟେସନ୍‌କୁ ଆସୁନାହିଁ। ଏହାର ପୂର୍ବରୁ ପ୍ରାୟ ଏକ ବର୍ଷ ହେବ ଏହା ୩ରୁ ୪ ଘଣ୍ଟା ବିଳମ୍ବରେ ଆସୁଥିଲା। ପୁଣି କେବେ କେବେ ରାତିରେ ଆସି ରାତିରେ ଯାଉଥିଲା, ଯଦିଓ ଏହି ଟ୍ରେନରେ ରାତ୍ରିକାଳୀନ ଯାତ୍ରାର କୌଣସି ସୁବିଧା ଉପଲବ୍ଧ ନାହିଁ। ସେହିପରି କେନ୍ଦ୍ର ଶ୍ରମ ଓ କର୍ମନିଯୁକ୍ତି ମନ୍ତ୍ରୀ ଡ. ମନସୁଖ ମାଣ୍ଡବିୟଙ୍କୁ ଶୁକ୍ରବାର ନୂଆଦିଲ୍ଲୀସ୍ଥିତ କାର୍ଯ୍ୟାଳୟରେ ଭେଟି ଯୋଡ଼ା ସେଣ୍ଟ୍ରାଲ ହସପିଟାଲକୁ ଏକ ସୁପରସ୍ପେସାଲିଟି ହସପିଟାଲରେ ପରିଣତ କରିବା ପାଇଁ ଅନୁରୋଧପତ୍ର ପ୍ରଦାନ କରାଯାଇଛି। କେନ୍ଦୁଝର ଜିଲ୍ଲାରେ ପ୍ରାୟ ୬୦ଟି ଖଣି ଥିବାବେଳେ ସେଥିମଧ୍ୟରୁ ବର୍ତ୍ତମାନ ୩୭ଟି ଖଣି ଚାଲୁଛି କିନ୍ତୁ ଯୋଡ଼ା ଖଣି ମଣ୍ଡଳ ଅଞ୍ଚଳରେ ସୁପରସ୍ପେସାଲିଟି ହସପିଟାଲ ନ ଥିବା ଯୋଗୁଁ ରୋଗୀମାନଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ନେବା ପାଇଁ ପଡୁଛି। ଉଭୟ ମନ୍ତ୍ରୀ ଖୁବ ଶୀଘ୍ର ଉକ୍ତ ସମସ୍ୟାର ସମାଧାନ କରିବାକୁ ଆଶ୍ୱସନା ଦେଇଥିବା ଶ୍ରୀ ମହାନ୍ତ ସୂଚନା ଦେଇଛନ୍ତି।

**ଧାନ କିଣାରେ ଚଞ୍ଚକତା**

# ଭଣ୍ଡାରିଡିହା ସମିତିରେ ଚାଷୀ ହଟହଟା



**ଆନନ୍ଦପୁର, ୨୧।୩(ସମିସ):** ଘସିପୁରା ବ୍ଲକ ଭଣ୍ଡାରିଡିହା ସେବା ସମବାୟ ସମିତିରେ ଚାଷୀମାନେ ସରକାରୀ ସହାୟକ ମୂଲ୍ୟରେ ଧାନ ବିକ୍ରି କରିବା ପାଇଁ ହଟହଟା ହେଉଥିବା ଅଭିଯୋଗ ହୋଇଛି। ପୂର୍ବରୁ ଟୋକନ ପାଇଥିବା ଚାଷୀ ମାନଙ୍କୁ ଉପେକ୍ଷା କରାଯାଇ ପାତରଅନ୍ତର ନୀତି କରାଯାଉଥିବାରୁ ଅନେକ ଚାଷୀ ଠିକ୍ ସମୟରେ ଧାନବିକ୍ରି କରି ନପାରି ହତାଶ ହେଉଥିବା ଅଭିଯୋଗ ହୋଇଛି। ବହୁ ପଛରେ ଟୋକନ ଆସିଥିବା ଚାଷୀଙ୍କର ଧାନ ଆଗ କ୍ରୟ କରାଯାଉଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଚାଷୀମାନେ ଅଭିଯୋଗ କଲେ ମଧ୍ୟ ସମିତି କର୍ମଚାରୀମାନେ ଚାଷୀଙ୍କୁ ଗାଳିଗୁଲଜ କରୁଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଭଣ୍ଡାରିଡିହା ପଞ୍ଚାୟତ ପଦନପୁର ଗ୍ରାମର ଚାଷୀ ପଦ୍ମନାଭ ବେହେରା, ସୁଶାନ୍ତ ସାଙ୍କ ଫେବୃଆରୀ ୭ ତାରିଖରେ ଧାନ ବିକ୍ରି ପାଇଁ ଟୋକନ ଆସିଥିଲା। ସେମାନେ ବାରମ୍ବାର ଯାଇ ସମିତିରୁ ନିରାଶ ହୋଇ ଫେରୁଛନ୍ତି। ଟାର୍ଗେଟ ନଥିବା ନେଇ ସଂପାଦକ ଚାଷୀମାନଙ୍କୁ କହି ଫେରାଇ ଦେଇଛନ୍ତି। ସେହି ଗ୍ରାମର ଜଣେ ଚାଷୀଙ୍କର ୧୪ ତାରିଖ ଅନ୍ୟ ଜଣେ ଚାଷୀଙ୍କର ୧୦ ତାରିଖରେ ଟୋକନ ଆସିଥିବା ବେଳେ ସେମାନେ ଧାନ ବିକ୍ରି କରି ସାରିଥିବା ଅଭିଯୋଗ ହୋଇଛି। ଏଣୁ ଆନନ୍ଦପୁର ସମବାୟ ସମିତି ସମୂହର ଉପ ନିବନ୍ଧକ ଏହାର ତଦନ୍ତ କରି ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

